## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ପଥଚାରୀଙ୍କ ମୃତ୍ୟୁ

ଯୋଡ଼ା,୭।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ ନଂ. ୨ର ହେଂସାବେଡ଼ା ଗୁରୁଡ଼ା ଛକ ନିକଟରେ ବୁଧବାର ଟ୍ରକ୍ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ବେଲବାହାଳି ଗ୍ରାମର କେଦାର ସାହୁ (୫୦)। ସେ ଅପରାହ୍ଣ ପ୍ରାୟ ୪ଟା ୩୦ ସମୟରେ ଚାଲି ଚାଲି ଯାଉଥିଲେ। ଗୁରୁଡ଼ା ଛକ ନିକଟରେ ତାଙ୍କୁ ଏକ ଟ୍ରକ୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯୋଡ଼ାସ୍ଥିତ ଡାକ୍ତରଖାନାକୁ ନିଆଯାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସୋମବାର ଏକ ଟ୍ରକ୍ ଧକ୍କାରେ ଯୋଡ଼ାସ୍ଥିତ ଟାଟା ଡିଏଭି ସ୍କୁଲର ୨ ଛାତ୍ରଙ୍କ ସମେତ ଜଣେ ଅଭିଭାବକଙ୍କ ମୃତ୍ୟୁ ଘଟିଥିଲା। ୩ ଜୀବନ ହାନି ହେବାର ୪୮ଘଣ୍ଟା ନ ପୂରୁଣୁ ପୁଣି ଟ୍ରକ୍ ଧକ୍କାରେ ଜଣଙ୍କର ଜୀବନ ଯାଇଛି।

### ଟ୍ରାକ୍ଟର ଓଲଟି ଯୁବକ ମୃତ

କେନ୍ଦୁଝର,୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ଥାନା ନୂଆଗାଁ ପଞ୍ଚାୟତ ଡିମିରିଡିହା ମାଝିସାହିରେ ଟ୍ରାକ୍ଟର ଓଲଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ଡିମିରିଡିହା ମାଝିସାହିର ଚନ୍ଦ୍ର ମୋହନ ମାଝୀଙ୍କ ପୁଅ ମିଥୁନ ମାଝୀ(୩୫)। ସେ ମଙ୍ଗଳବାର ସ୍ଥାନୀୟ ତାମୁଡିହାସାହି ବିଲରେ ହଳ କରୁଥିବା ସମୟରେ କାଦୁଅରେ ଟ୍ରାକ୍ଟର ଫଶି ଯାଇଥିଲା। ବୁଧବାର କେତେଜଣ ଯୁବକ ସେଠାରୁ ଟ୍ରାକ୍ଟର ବାହାର କରିବାକୁ ଉଦ୍ୟମ କରିଥିଲେ। ମିଥୁନ ଗାଡି ଷ୍ଟାର୍ଟ କରିବା ପରେ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଗାଡି ଷ୍ଟିଅରିଂ ମିଥୁନଙ୍କ ଛାତିରେ ଚାପି ହୋଇଯାଇଥିଲା। ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମିଥୁନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମିଥୁନଙ୍କ ସ୍ତ୍ରୀ ଓ ପିଲା ଅସହାୟ ହୋଇଯାଇଛନ୍ତି। ତୁରନ୍ତ ଅସହାୟ ପରିବାରଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

### ମହିଳାଙ୍କ ଆତ୍ମହତ୍ୟା

କାଳିପଦା, ୭।୮(ରାଜଶ୍ରୀ ପାଣିଗ୍ରାହୀ):

ବାଲିଆପାଳ ବ୍ଲକ ଅଳାଁଡ଼ିହା ଗ୍ରାମରେ ସୁଷମା ଜେନା (୩୦) ବୁଧବାର ବିଷ ପିଇ ଦେଇଥିଲେ। ପରିବାର ଲୋକ ଜାଣିବା ପରେ ଗୁରୁତର ଅବସ୍ଥାରେ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଉପଯୁକ୍ତ ତଦନ୍ତ ପାଇଁ ବିଡିଓଙ୍କୁ ଦାବିପତ୍ର

## କାଏମା ମିଶନ ଶକ୍ତି ଗୃହ ସିଲ ଘଟଣା

କାଏମା,୭।୮ (ଶିବପ୍ରସାଦ ମହାନ୍ତି):




ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବଡ଼କଏମା ପଞ୍ଚାୟତ ମିଶନ ଶକ୍ତି ମହାସଂଘରୁ ଲକ୍ଷାଧିକ ଟଙ୍କା ଅନିୟମିତତା ଅଭିଯୋଗ ପରେ ଉକ୍ତ ଗୃହକୁ ସିଲ କରାଯାଇଛି। ଏହାପରେ ପଞ୍ଚାୟତର ସିଆରପି, ବ୍ୟାଙ୍କ ମିତ୍ର ଓ ଇସିମାନେ ବୁଧବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଏହାର ଉପଯୁକ୍ତ ତଦନ୍ତ ପାଇଁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଏହି ମିଶନ ଶକ୍ତି ମହାସଂଘର ସିଆରପି, ଇସି, ବ୍ୟାଙ୍କ ମିତ୍ର ଓ ଅନ୍ୟ ପଞ୍ଚାୟତ କର୍ମଚାରୀ ପାଖାପାଖି ଦଶ ମାସ ହେବ ଦରମା ନ ପାଇବାରୁ ବ୍ଲକ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହାପରେ ବ୍ଲକ ପ୍ରଶାସନ ପାଖରୁ ଜାଣିବାକୁ ପାଇଥିଲେ ମହାସଂଘ ଖାତାରେ ଟଙ୍କା ନାହିଁ। ଯେଁଉ ସମୟରେ ମହାସଂଘ ଖାତାରେ କୋଡ଼ିଏ ଲକ୍ଷରୁ ଅଧିକ ଟଙ୍କା ରହିବା କଥା କିନ୍ତୁ ଟଙ୍କା ନଥିବା ଜାଣିବା ପରେ ସେମାନଙ୍କର ସନ୍ଦେହ ବଢ଼ିଥିଲା। ମହାସଂଘ ଖାତାରୁ କୋଡ଼ିଏ ଲକ୍ଷ ପଚାଶ ହଜାରରୁ ଅଧିକା ଟଙ୍କା ମହସଂଘ ସଭାପତି ବିଦୁ୍ୟଲତା ବିଶ୍ୱାଳ ଓ ଏମବିକେ ମୁକ୍ତାରାନୀ ନାୟକ ଓ ତାଙ୍କ ସମ୍ପର୍କୀୟଙ୍କ ଖାତାକୁ ପଠାଯାଇ ଥିବା ସୂଚନା ପାଇବା ପରେ ଧର୍ମଶାଳା ଥାନାରେ ମିଳିତ ଭାବେ ସେମାନେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରିୟଦର୍ଶୀ ଦାସ ଓ ବିଏଲସି ଇତିଶ୍ରୀ ସାହୁ ଏବଂ ଅନ୍ୟ ଅଧିକାରୀ ପହଞ୍ଚି କାଗଜ ପତ୍ର ଯାଞ୍ଚ କରିଥିଲେ। ଶେଷରେ ମିଶନ ଶକ୍ତି ଗୃହକୁ ସିଲ କରାଯିବା ସହ ପୋଲିସ ପକ୍ଷରୁ ସଭାପତିଙ୍କୁ ଗିରଫ କରାଯାଇଛି। କିନ୍ତୁ ସେମାନଙ୍କ ୧୦ ମାସର ଦରମା ମିଳିବା ଓ ସେମାନେ ଆଗମୀ ଦିନରେ କିଭଳି ଭାବେ କାର୍ଯ୍ୟ କରିବେ ତାକୁ ନେଇ ପ୍ରଶ୍ନ ଉଠିଛି। ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କ ଦରମା ମିଳିବା ଓ ମିଶନ ଶକ୍ତି କାର୍ଯ୍ୟକୁ ଠିକ ଭାବେ ପରିଚାଳନା ନିମନ୍ତେ ସିଆରପି ଶୁଭଲକ୍ଷ୍ମୀ ମାଝୀ, ସୁକାନ୍ତି ବେହେରା, ସସ୍ମିତା ରାଉତ, ମଞ୍ଜୁଳା ମଞ୍ଜଳି ମଲ୍ଲିକ, ରଶ୍ମି ମଲିକ, ଜୟନ୍ତି ରଣା, ନୟନି ମଲିକ, ସତ୍ୟଭାମା ମହାନ୍ତି, ଇସି ସୁଷମା ପ୍ରଧାନ, ପ୍ରେମଲତା ସାହୁ, ମେଘି ମଲିକ, ସୁଚିତ୍ରା ମହାନ୍ତି ଓ ବ୍ୟାଙ୍କ ମିତ୍ର ପୁସି ସେଠୀ ପ୍ରମୁଖ ଦାବି ବିଡିଓଙ୍କ ନିକଟରେ କରିଛନ୍ତି।

# ନାଗରିକ କମିଟିର ରେଳ ଗଳିପୋଲ ପରିଦର୍ଶନ



ନାଗରିକ କମିଟିର ସଦସ୍ୟମାନେ ଡାକବଙ୍ଗଳା ନିକଟ ରେଳ ଗଳିପୋଲ ପରିଦର୍ଶନ କରୁଛନ୍ତି।

ଯାଜପୁରରୋଡ୍,୭।୮ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସହରକୁ ୨ ଭାଗ କରୁଥିବା ରେଳ ଲେଭଲ କ୍ରସିଂ ସହରବାସୀଙ୍କ ପାଇଁ ଦୁଃଖର କାରଣ ସାଜିଛି। ଘଣ୍ଟା ଘଣ୍ଟା ଧରି ଗେଟ୍ ପଡିରହିବା ଦ୍ୱାରା ଉଭୟ ପଟୁ ଲୋକେ ଯିବାଆସିବାବେଳେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ବାରମ୍ବାର ଆନ୍ଦୋଳନ ଓ ଦାବି ପରେ ରେଲ୍‌ୱେ କର୍ତ୍ତୃପକ୍ଷ ଡାକବଙ୍ଗଳା ଛକଠାରେ ଏକ ଗଳିପୋଲ ଓ ସାଇମନ୍ଦିର ନିକଟରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଅନୁଦାନ ଯୋଗାଇଦେବା ସହ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାପଛରେ ସହରର ବିଭିନ୍ନ ସଂଗଠନ ସହ ବ୍ୟାସନଗର ନାଗରିକ କମିଟିର ପ୍ରଚେଷ୍ଟା ରହିଛି। ବୁଧବାର ବ୍ୟାସନଗର ନାଗରିକ କମିଟିର ଏକ ପ୍ରତିନିଧି ଦଳ ସ୍ଥାନୀୟ ଡାକବଙ୍ଗଳା ଛକ ରେଳ ଫାଟକ ନିକଟରେ ପହଞ୍ଚି ନିର୍ମାଣାଧୀନ ଗଳିପୋଲ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି। ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାରୁ ସନ୍ତୋଷ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ଲେଭଲକ୍ରସିଂ ଜନିତ ସମସ୍ୟା ଦୂରହେବାକୁ ଯାଉଥିବାରୁ ନାଗରିକ କମିଟି ତରଫରୁ ରେଳ ବିଭାଗ ଖୋର୍ଦ୍ଧା ଡିଭିଜନର ବରିଷ୍ଠ ଅଧିକାରୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯିବା ସହ ମାଲଗାଦାମ ପଟରେ ଏକ ଟିକେଟ କାଉଣ୍ଟର ଖୋଲିବାପାଇଁ ଅନୁରୋଧ କରାଯାଇଛି। ଏହି ପ୍ରତିନିଧି ଦଳରେ କମିଟି ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ଡ. ଦୁଷ୍ମନ୍ତ କୁମାର ନାୟକ, ହୃଦାନନ୍ଦ ସାମଲ, ନରେନ୍ଦ୍ର କୁମାର ଜେନା, ସଦାଶିବ ଦାସ, ହୃଷୀକେଶ ସାହୁ, ରଘୁନାଥ ବେହେରା, ନିରଞ୍ଜନ ଘଡେଇ, ସରୋଜ କୁମାର ଦେ ଓ କୈଳାଶ କୁମାର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

# ବନ୍ଦ ଡାକରାକୁ ମୂଳନିବାସୀ ୟୁନାଇଟେଡ ଫୋରମର ସମର୍ଥନ




ସାମ୍ବାଦିକ ସମ୍ମିଳନୀରେ ମୂଳନିବାସୀ ୟୁନାଇଟେଡ଼ ଫୋରମର ସଦସ୍ୟମାନେ।

ଯାଜପୁର,୭।୮ (ହର୍ଷବର୍ଦ୍ଧନ ବେହେରା) :

### ଅନୁସୂଚିତ ଜାତି,ଜନଜାତିଙ୍କ ସଂରକ୍ଷଣ ରାୟରେ ବର୍ଗୀକରଣ

ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ସଂରକ୍ଷଣ କୋଟା ଉପରେ କୋଟା, କ୍ରିମ ଲେୟାର ବା ଜାତି ଭିତରେ ଉପଜାତି ସୃଷ୍ଟି ପାଇଁ ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ସମ୍ପୂର୍ଣ୍ଣ ଭାରତ ବନ୍ଦ ଡାକରାକୁ ଯାଜପୁର ମୂଳନିବାସୀ ୟୁନାଇଟେଡ ଫୋରମ ସମର୍ଥନ କରିଛି। ଏହି ମର୍ମରେ ଫୋରମ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସଂଗଠନ ତରଫରୁ କାର୍ଯ୍ୟକାରୀ ଅଧକ୍ଷ ମନୋରଞ୍ଜନ ଜେନା, କାର୍ତ୍ତିକ ମଲିକ, ସୁରେନ୍ଦ୍ର ମଲିକ, ଆର୍ତ୍ତତ୍ରାଣ ମଲିକ, ଯତୀନ୍ଦ୍ର ଜେନା ମାନସ ମଲିକ, ପ୍ରତାପ ଦାସ, ସସ୍ମିତା ଜେନା, ମିନତୀ ମଲିକ, ମୀନା ମଲିକ, ପଙ୍କଜ ମଲିକ, ଯତୀନ୍ଦ୍ର ଜେନା, ଦୁଷ୍ମନ୍ତ କୁମାର ଜେନା, ବାପି ଜେନା, ଦେବବ୍ରତ ଜେନା, ଅଭିମନ୍ୟୁ ମଲିକ, ଶ୍ରୀଧର ଜେନା, ଉମାକାନ୍ତ ମଲିକ, ରମେଶ ଜେନା, କ୍ଷୀରୋଦ ଦାସ, ଦୁର୍ଯ୍ୟୋଧନ ଗୋଛାୟତ, ସରସ୍ୱତୀ ଟୁଡୁ, ବିଶ୍ୱନାଥ ପାତ୍ର, ଦୁଃଶାସନ ଜେନା, ଚିତ୍ତରଞ୍ଜନ ଜେନା, ସୁମନ୍ତ ଜେନା, ହୃଷିକେଶ ଜେନା ପ୍ରମୁଖ ଏହା ଉପରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ପାଇଁ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଆହୁରି ଦର୍ଶାଯାଇଛି, ଏହି ରାୟ ବିରୋଧରେ ଜାତୀୟସ୍ତରରେ ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ରାବଣ, ବିଏସ୍‌ପି ମୁଖ୍ୟ ମାୟାବତୀ, ସାମାଜିକ କର୍ମୀ ପ୍ରକାଶ ଆମ୍ବେଡ଼କର ଓ ଏଲପିଜି ସଭାପତି ଚିରାଗ ପାଶ୍ୱାନ ଆସନ୍ତା ୨୧ ତାରିଖରେ ସମ୍ପୂର୍ଣ୍ଣ ଭାରତ ବନ୍ଦ ଆହ୍ୱାନ ଦେଇଛନ୍ତି । ଏହାକୁ ମୂଳନୀବାସୀ ୟୁନାଇଟେଡ଼ ଫୋରମ ଓଡ଼ିଶା ତରଫରୁ ସମର୍ଥନ ସହ ସଫଳ ପାଇଁ ଯାଜପୁର ଜିଲାବାସୀଙ୍କୁ ନିବେଦନ କରିଛନ୍ତି । ଏହି ରାୟ ଦୀର୍ଘ ୨୦ବର୍ଷ ଧରି ସୁପ୍ରିମକୋର୍ଟରେ ପଡି ରହିଥିଲା। ଏହି ଲମ୍ବା ସମୟ ମଧ୍ୟରେ କୋର୍ଟ ଦେଶର ଏସ୍‌ସି/ଏସ୍‌ଟି ବର୍ଗଙ୍କ ସ୍ଥିତି, ଜାତି, ଯାତନା, ମୌଳିକ ସମସ୍ୟା ଓ ଅଧିକାର ପାଇଁ ଏକ କମିଶନର କିମ୍ବା ରାଜ୍ୟ ସରକାରଙ୍କୁ ରିପୋର୍ଟ ବା ସାମାଜିକ ସଙ୍ଗଠନର ଏକ ମତାମତ ନେଇ ପାରିଥିଲେ ଭଲ ହୋଇଥାନ୍ତା । ଏପରି କି ଏହି ସାମ୍ବିଧାନିକ ଆଇନ କେନ୍ଦ୍ରସରକାରଙ୍କ ପ୍ରତିରକ୍ଷା ବିଭାଗରେ ଅଗ୍ନିବୀର ନିଯୁକ୍ତି, ଅଙ୍ଗନୱାଡି, ଆଶା ଓ ରେଳବାଇ ବିଭାଗର ଠିକା ନିଯୁକ୍ତିରେ କାହିଁକି ଠିକ କାର୍ଯ୍ୟକାରୀ କରାଯାଇ ନାହିଁ ସେ ଉପରେ କେବେ ନିର୍ଦ୍ଦେଶ ଦେଇ ନାହାନ୍ତି । ଅପରପକ୍ଷେ ଜାତିବାଦର ମୂଳ ଉତ୍ପାଟନ କିପରି କରାଯାଇପାରିବ ତାହା ଉପରେ ସରକାରଙ୍କୁ ନିର୍ଦ୍ଦେଶ ଦେଉନାହାନ୍ତି । ପୌରାଣିକ ଶାସ୍ତ୍ର ଅନୁସାରେ ଉପ ଜାତି ଥିବାରୁ ହିଁ ଜାତି ପ୍ରଥା ସୃଷ୍ଟି ହୋଇଛି । ତେଣୁ ମୌଳିକ ସମସ୍ୟା ଦୂର ପାଇଁ ଶାସ୍ତ୍ର ସଂଶୋଧନ ହେବା ଦରକାର ବୋଲି ଆପତ୍ତି ଉଠାଯାଇଛି । ଏପରି କି ୭୦% ଭାଗ ସବର୍ଣ୍ଣ ସମାଜରେ ଓ ସୁପ୍ରିମକୋର୍ଟର ହାଇକୋର୍ଟ ବିଚାରପତି ନିଯୁକ୍ତି ପ୍ରଥମେ କ୍ରିମ ଲେୟାର କରାଯାଉ । ତେଣୁ ଏହା ଉପରେ ଠିକ ତଦନ୍ତ, ପୁନଃ ବିଚାର ସହ ରାଷ୍ଟ୍ରପତି ହସ୍ତକ୍ଷେପ କରିବାକୁ ନିବେଦନ କରାଯାଇଛି ।

### ଯୁବକଙ୍କ ଆତ୍ମହତ୍ୟା

ଯୋଡା,୭।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଯୁରୁଡିଠାରେ ଜଣେ ଯୁବକ ବୁଧବାର ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜୁରୁଡି ପେଣ୍ଟେଇ ବସ୍ତିରେ ରହୁଥିବା ତରୁଣ ପେଣ୍ଟେଇ (୨୪)ବୋଲି ଜଣାପଡ଼ିଛି। ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୬/୨୦୨୪) ରୁଜୁ କରିଛି। ତରୁଣଙ୍କ ସ୍ତ୍ରୀ କିଛି ଦିନ ହେବ ତାଙ୍କୁ ଛାଡି କୁଆଡେ ଚାଲି ଯାଇଛନ୍ତି। ଦୁଃଖରେ ଭାଙ୍ଗି ପଡ଼ିଥିବାରୁ ତରୁଣ ଏହି କାଣ୍ଡ ଭିଆଇଥିବା ପରିବାର ଲୋକେ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।

### ଗୋଟିଏ ରାତିରେ ୩ ଘରୁ ଚୋରି

ଭଦ୍ରକ,୭।୮ (ସନାତନ ରାଉତ)

ଭଦ୍ରକ ଚରମ୍ପା ଉଗରାସାହି କେନାଲରୋଡ୍‌ରେ ମଙ୍ଗଳବାର ରାତିରେ ୩ ଘରୁ ଚୋରି ହୋଇଥିବା ନେଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ରାଜେଶ ମୋହନ ମିଶ୍ରଙ୍କ ଅଭିଯୋଗ ଅନୁଯାୟୀ, ରାତିରେ ଚୋରମାନେ ଝରକା ଭାଙ୍ଗି ତାଙ୍କ ଘର ଭିତରକୁ ପଶି ଆଲମିରା ଭାଙ୍ଗି ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଏବଂ ସୁନାଗହଣା ଚୋରି କରି ନେଇଛନ୍ତି। ସେହିପରି ତାଙ୍କ ପଡ଼ୋଶୀ ବିରଞ୍ଚି ନାରାୟଣ ପଣ୍ଡାଙ୍କର ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଥିବା ବେଳେ ପରେ ବିରଞ୍ଚିଙ୍କ ଘର ନିକଟସ୍ଥ ସୁରଙ୍ଗିନୀ ସାମଲଙ୍କ ଘର ଝରକା ଭାଙ୍ଗି ଟଙ୍କା ଓ ସୁନା ଚୋରି କରି ନେଇଥିବା ସୁରଙ୍ଗିନୀ ଏତଲାରେ ଦର୍ଶାଇଛନ୍ତି।

# ଜିନ୍ଦଲ ଷ୍ଟିଲ୍ ପ୍ରତିଷ୍ଠାତାଙ୍କ ଜନ୍ମବାର୍ଷିକୀ



ଓପି ଜିନ୍ଦଲଙ୍କ ଜନ୍ମ ବାର୍ଷିକୀରେ ଲେପ୍ରୋସି କଲୋନୀରେ ଗ୍ରୋସେରୀ ପ୍ୟାକେଟ ଦିଆଯାଉଛି।

କଳିଙ୍ଗନଗର,୭।୮ (ଶୁଭାଶିଷ ରାଉତ):

କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନଲେସ ଲିମିଟେଡ(ଜେଏସ୍‌ଏଲ୍) କାରଖାନା ପରିସରରେ ବୁଧବାର ଏହାର ପ୍ରତିଷ୍ଠାତା ଓପି ଜିନ୍ଦଲଙ୍କ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ରକ୍ତଦାନ, ସ୍ଥାନୀୟ ଡାକ୍ତରଖାନାଗୁଡ଼ିକରେ ଫଳବଣ୍ଟନ ଏବଂ ଲେପ୍ରୋସି କଲୋନୀରେ ଗ୍ରୋସେରୀ ପ୍ୟାକେଟ ପ୍ରଦାନ ସହ ଅନାଥାଶ୍ରମ ଓ ବୃଦ୍ଧାଶ୍ରମରେ ଖାଦ୍ୟ ବଣ୍ଟନ କରାଯାଇଛି। କଟକ କେନ୍ଦ୍ରୀୟ ରେଡ୍‌କ୍ରସ ସୋସାଇଟି ମିଳିତ ସହଯୋଗରେ ରକ୍ତଦାନ ଡ୍ରାଇଭରେ କର୍ମଚାରୀ ଏବଂ ଠିକା କର୍ମଚାରୀମାନେ ରକ୍ତଦାନ କରିଛନ୍ତି। ଏଥିରେ ୪୧୨ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଜିନ୍ଦଲ ଷ୍ଟେନଲେଶ ଦ୍ୱାରା ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଯାଜପୁର ରୋଡ ଏରିଆ ହସ୍ପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ବୃଦ୍ଧାଶ୍ରମ (ଶାନ୍ତି ହୋମସ) ଓ ଅନାଥାଶ୍ରମ (ଅନ୍ନପୂର୍ଣ୍ଣା ଚାଇଲ୍ଡ କେୟାର ସେଣ୍ଟର)ରେ ଅନ୍ତେବାସୀଙ୍କୁ ଭୋଜନ ପ୍ରଦାନ କରାଯାଇଛି। ଏହି ସେବା କାର୍ଯ୍ୟ ମାଧ୍ୟମରେ ଓପି ଜିନ୍ଦଲଙ୍କ ଜୟନ୍ତୀ ପାଳନ କରି ଆମେ ଗର୍ବିତ ବୋଲି ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଯାଜପୁର କାରଖାନା ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି। ସେ ଅନ୍ୟ କାରଖାନାଗୁଡ଼ିକୁ ମଧ୍ୟ ଏହିପରି ରକ୍ତଦାନ ଶିବିର ଆୟୋଜନ କରିବାକୁ ଆହ୍ୱାନ ଦେଇଛନ୍ତି।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବାଲେଶ୍ୱର, ୭।୮ (ବାଞ୍ଛାନିଧି ଦେ):

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ କସିପଦା ଶିବ ମନ୍ଦିର ନିକଟ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ହାତିଆଡ଼ିହା ଗ୍ରାମର ଧୀରେନ୍ଦ୍ର ପଣ୍ଡା (୬୫)। ସେ ବଜାରକୁ ଖିଅର ହେବା ପାଇଁ ଆସିଥିଲେ। ଖିଅର ହୋଇ ଉକ୍ତ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ବଶତଃ ବୁଡ଼ି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ସ୍ଥାନୀୟ ଲୋକେ ପୋଖରୀରୁ ବୃଦ୍ଧଙ୍କୁ ଉଦ୍ଧାର କରି ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ରୂପସା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# ଶରୀର, ଅଙ୍ଗଦାନ ମହୋତ୍ସବ ଉଦ୍‌ଯାପିତ




ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଜେନାପୁର,୭।୮ (ଅଶୋକ ଦାସ):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମର୍ଜିତାପୁର କଲ୍ୟାଣମଣ୍ଡପ ପରିସରରେ ସଚେତନ ନାଗରିକ ମଞ୍ଚ ଓ କବାଟ ବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମିଳିତ ଉଦ୍ୟମରେ ଶରୀର, ଅଙ୍ଗଦାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସରୋଜକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଡା. ପ୍ରଭାସ ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ସାମାଜିକ କର୍ମୀ ମିନତି ସାହୁ, ଚିକିତ୍ସକ ଡ. ପ୍ରଶାନ୍ତ ସାହୁ, ଶିକ୍ଷାବିତ ଡ. ନିରଞ୍ଜନ ସାହୁ, ସାମାଜିକ କର୍ମୀ ଲକ୍ଷ୍ମୀ ଖମାରି, ସ୍ଥାନୀୟ ସରପଞ୍ଚ ବିଜୟ ଦାଶ, ଶିକ୍ଷାବିତ୍ ରଘୁନାଥ ବେହେରା, ସାମାଜିକ କର୍ମୀ ମନୋଜ କୁମାର ଧୀର, ଖବରଦାତା ରଶ୍ମିତା ବେହେରା ଓ ପ୍ରମୋଦ ମାଲିକ ପ୍ରମୁଖ ଯୋଗଦେଇ ଅଙ୍ଗଦାନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ଅଙ୍ଗଦାତାମାନଙ୍କୁ ମାନପତ୍ର ଦେଇ ଉତ୍ସାହିତ କରିଥିଲେ। ଉତ୍ସବରେ ୩୦୪ ଜଣ ସ୍ୱଇଚ୍ଛାରେ ଅଙ୍ଗଦାନ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ହିଙ୍ଗୁଳା ବିଦ୍ୟାମନ୍ଦିରର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ସଚେତନ ନାଗରିକ ମଞ୍ଚର ସମସ୍ତ ସଭ୍ୟ ଯୋଗଦେଇ ସହଯୋଗ କରିଥିଲେ।

# ସବୁଜ ସୁନ୍ଦର କୋରେଇ ଅଭିଯାନ ଶୁଭାରମ୍ଭ

କୋରେଇ,୭।୮ (ଚନ୍ଦ୍ରକାନ୍ତ ପତି):




ସବୁଜ ସୁନ୍ଦର କୋରେଇ ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଧାୟକ ଆକାଶ ଦାସନାୟକ ଏବଂ ଅନ୍ୟମାନେ।

ଭାଜପା ବିଧାୟକ ଆକାଶ ଦାସ ନାୟକ ପୁଣି ସବୁଜ ସୁନ୍ଦର କୋରେଇ ଅଭିଯାନର ଶୁଭାରମ୍ଭ କରିଛନ୍ତି। ବୁଧବାର କୋରେଇ ବ୍ଲକ ଅଧୀନ ଖମଣ ପଞ୍ଚାୟତ ଶଙ୍ଖଚିଲା ହିଙ୍ଗୁଳା ପୀଠରେ ମା'ଙ୍କୁ ଦର୍ଶନ ପରେ ଶଙ୍ଖଚିଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦାସନାୟକ ଚାରାରୋପଣ କରି ଅଭିଯାନରେ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶଙ୍ଖଚିଲା ହିଙ୍ଗୁଳା ଉଚ୍ଚ ବିଦ୍ୟାପୀଠ, ବଡ଼େଇଟିକର ବୁଢୀ ବାସୁଳେଇ ପୀଠରେ ଚାରାରୋପଣ କରାଯାଇଛି। ଏଥିସହିତ ଶଙ୍ଖଚିଲା ବଜାର, ମଠପାଟଣା, ବଢେଇଟିକର, ଠାକୁରପାଟଣା ଗ୍ରାମରେ ପିଜୁଳି, ଆମ୍ବ, ଲେମ୍ବୁ ଆଦି ବିଭିନ୍ନ ପ୍ରକାର ୪୦୦୦ ଚାରା ବଣ୍ଟନ କରାଯାଇଛି।

ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି। ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ଧନଜୀବନ ହାନୀ ହେଉଛି। ଗଛ ଲଗାଇବା ଦ୍ୱାରା ଏହିସବୁ ସମସ୍ୟାରୁ କିଛିମାତ୍ରାରେ ମୁକ୍ତି ମିଳିପାରିବ ବୋଲି ବିଧାୟକ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ଖରସ୍ରୋତା ମଣ୍ଡଳ ପ୍ରମୁଖ ପ୍ରମୋଦ ସାହୁ, ବୈତରଣୀ ମଣ୍ଡଳ ପ୍ରମୁଖ ବିଷ୍ଣୁ ରଥ, ଖମଣ ପଞ୍ଚାୟତ ପ୍ରମୁଖ ଅକ୍ଷୟ ନାୟକ, ପୂର୍ବତନ ସରପଞ୍ଚ ସୁଶାନ୍ତ ସାହୁ, ଅଜୟ ଶଙ୍କର ସାହୁ, ସୁଜିତ ସାହୁ, ଦୀପକ ଗୁରୁ, ଗୋବିନ୍ଦ ଦାସ, ବାବୁ ସାହୁ, ସୁରେନ୍ଦ୍ର ସାହୁ, ସୁରେଶ ସାହୁ, ଶଙ୍କର୍ଷଣ ସାହୁ, ମାନସ ରଞ୍ଜନ ସାହୁ, ଦୀପ୍ତିମୟୀ କୁଅଁର, ବିଜୟ ମହାପାତ୍ର, ପ୍ରଫୁଲ୍ଲ ସାହୁ, ପ୍ରତାପ ରାଉତରାୟ, ସାରସ ଦାସ, ରବୀନ୍ଦ୍ର ଗାହାଣ, ଗୋପୀନାଥ ପତି, ପ୍ରିୟବ୍ରତ ସାହୁ, ବରୁଣ୍ଡେଇ ସରପଞ୍ଚ ଲିପ୍ସା ପରିଡା, ପୂର୍ବତନ ସମିତିସଭ୍ୟ କୁଳମଣି ଦାସ, ଅଶୋକ ବାରିକ, ଏସ୍‌କେ ଜହର ଅଲି, ରାକେଶ ଜେନା, ବସନ୍ତ କର, ଦିବାକର ମହାପାତ୍ର, ଲକ୍ଷ୍ମୀଧର କରଣ, ସୁଶାନ୍ତ ସ୍ୱାଇଁ, ମନ୍ମଥ ଜେନା, ପ୍ରତାପ ସାହୁ, ପ୍ରଦୀପ ରାଉତ, ନୀଳମଣି କର, କାର୍ତ୍ତିକ ସାହୁ, ଶୁଭଙ୍କର ମହାପାତ୍ର, ଅଜୟ ସାହୁ, ଆଲୋକ ଦାସ, ଦାମୋଦର ଖଣ୍ଡାଇ, ପ୍ରଶାନ୍ତ ନାୟକ, ସୁବ୍ରତ ସେଠୀ, ଚନ୍ଦନ ଖିଲାର ଓ ବିଶ୍ୱନାଥ ପାଢ଼ୀ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ମିଶନ ସବୁଜ କୋରେଇ କାର୍ଯ୍ୟକ୍ରମ ଜରିଆରେ ବିଧାୟକ କୋରେଇର ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତ ତଥା ଗ୍ରାମ ଏବଂ ବ୍ୟାସନଗର ପୌରପାଳିକାର ସମସ୍ତ ୱାର୍ଡରେ ଚାରାରୋପଣ କରି ଲୋକଙ୍କ ହୃଦୟ ଜିଣିବାରେ ସକ୍ଷମ ହୋଇଛନ୍ତି।

# ବଢୁଛି ଭେଜାଲ, ରଙ୍ଗମିଶା ବିକ୍ରି ଖାଦ୍ୟ

କେନ୍ଦ୍ରାପଡ଼ା, ୭।୮ (ଜଗନ୍ନାଥ ଧଳ)



- ପାଣି, ପାଉଁରୁଟିରେ ରହୁନି ଶେଷ ସମୟ ଅବଧି
- ଅସ୍ୱାସ୍ଥ୍ୟକର ପରିବେଶରେ ନିର୍ମାଣ ହେଉଛି ଖାଦ୍ୟସାମଗ୍ରୀ
- ପ୍ରଶାସନିକ ଅଧିକାରୀ ସବୁ ଜାଣି ମଧ ନୀରବ

ଗ୍ରାହକଙ୍କୁ ଆକୃଷ୍ଟ କରିବା ପରି ଖାଦ୍ୟ ସଜା ହେଉଛି। ଷ୍ଟଲ ବା ଦୋକାନରେ ରହିଥିବା ରଙ୍ଗ ବେରଙ୍ଗର ମିଠା ସହ ଅନ୍ୟ ଖାଦ୍ୟ ଗ୍ରାହକଙ୍କ ମନ ମୋହୁଛି। ତେବେ ଏହି ରଙ୍ଗିନ ଖାଦ୍ୟ କେନ୍ଦ୍ରାପଡ଼ା ଜିଲାରେ ବିଭିନ୍ନ ରୋଗର କାରଣ ହୋଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ନିର୍ମିତ ଗୁପଚୁପଠାରୁ ଆରମ୍ଭକରି ହୋଟେଲ ଜଳଖିଆ ଦୋକାନ ସାମଗ୍ରୀ ପାଇଁ ଜିଲାର ବହୁ ବୁଦ୍ଧିଜୀବୀ ଚିନ୍ତାରେ ପଡିଛନ୍ତି। ପାଉଁରୁଟି, ପାଣି ବୋତଲ ଓ ପାଉଚ, ଆଇସକ୍ରିମ ଆଦି ସ୍ଥାନୀୟ ଅଞ୍ଚଳରୁ ଉତ୍ପାଦନ କରାଯାଇ ପ୍ୟାକେଟରେ ବିକ୍ରି ହେଉଥିଲେ ମଧ ଏଥିରେ ନିର୍ମାଣ ତାରିଖ, ବ୍ୟବହାର ସମୟ ଶେଷ ଅବଧି ଆଦି ଲେଖା ରହୁନାହିଁ। ପ୍ରଶାସନ ଏ ନେଇ ସବୁ ଜାଣି ନୀରବ ରହୁଛି। ଏକ ବଡ଼ ଧରଣର ବିପଦ ପର୍ଯ୍ୟନ୍ତ ସେମାନେ ଅପେକ୍ଷା କରିଥିବା ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଖଡିଅଙ୍ଗର ସେକ ଅମଜାନ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ଗ୍ରାମାଞ୍ଚଳ ସହିତ ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଞ୍ଚଳରେ ପ୍ରାୟ ୫ ହଜାରରୁ ଅଧିକ ଛୋଟ ବଡ଼ ଜଳଖିଆ ଦୋକାନ ଅଛି। ସେହିପରି ଏହି ଜିଲାରେ ୨୦୦ରୁ ଅଧିକ ମଧ୍ୟମଧରଣର ହୋଟେଲ ରହିଛି। ଏଠାରେ ମିଳୁଥିବା ଖାଦ୍ୟ ଉପରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ନଜର ନାହିଁ। ପ୍ରତି ଦୋକାନରେ ରଙ୍ଗମିଶା ଖାଦ୍ୟ ସହ କେତେକ ସ୍ଥାନରେ ଗ୍ରାହକଙ୍କୁ ବାସି ଖାଦ୍ୟ ପରଷା ଯାଉଛି। ସେହିପରି ଚାଟ୍, ଜିଲାପି, ପକୁଡି, ପକୋଡା ପ୍ରଭୃତି ଚଟପିଟି ଖାଦ୍ୟରେ ବହୁଳ ରାସାୟନିକ ରଙ୍ଗ ମିଶାଯାଉଛି। ଗୁପଚୁପର ଖଟାପାଣି ପାଟିକୁ ସ୍ୱାଦ ଦେବା ଲାଗି ତେନ୍ତୁଳି ବଦଳରେ ଭିନେଗାର ପ୍ରୟୋଗ ହେଉଛି। ଏହି ରାସାୟନିକ ପଦାର୍ଥ ଏବେ ରୋଗର କାରଣ ହୋଇଛି। ସାମାଜିକ କର୍ମୀ ମନୋଜ କୁମାର ନାୟକ କହିଛନ୍ତି, ଜୀବନଧାରଣ ପାଇଁ ଖାଦ୍ୟ ଜରୁରୀ। ତେବେ ବ୍ୟବସାୟୀମାନେ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉନାହାନ୍ତି। ଖାଦ୍ୟରେ ରଙ୍ଗ ମିଶାଇବା, ପୋଡ଼ା ତେଲରେ ଛାଣିବା, ବାସି ଖାଦ୍ୟ ଦେବା ଆଦି ବ୍ୟବସାୟୀଙ୍କ ସ୍ୱଭାବ ହେଲାଣି। କମ୍ ପଇସା ଖର୍ଚ୍ଚରେ ବେଶି ଆଦାୟ ସମସ୍ତଙ୍କ ଲକ୍ଷ୍ୟ। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ସାମଗ୍ରୀ ତିଆରି ରୋଗ ସୃଷ୍ଟିର ଅନ୍ୟତମ କାରଣ ହୋଇଛି। ଆଇସକ୍ରିମ ଓ ପାଉଁରୁଟି ନିର୍ମାଣ ସ୍ଥଳ ଆଦୌ ପରିଷ୍କାର ହେଉନାହିଁ। ସେହିପରି ଏଠାରେ ବ୍ୟବହୃତ ସାମଗ୍ରୀ ଉପରେ କୌଣସି ତନଖି ନ ଥିବାରୁ ନିର୍ମାତାକାରୀ ମନଇଚ୍ଛା ଗ୍ରାହକଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଣ କରୁଛନ୍ତି। ଏପରିକି ଏଠାରେ ପ୍ରସ୍ତୁତ ପାଣି ବୋତଲ ଓ ପାଉଚ, ଆଇସକ୍ରିମ ଆଦିର ବ୍ୟବହାର ସମ୍ବନ୍ଧୀୟ ସମୟ ଓ ତାରିଖ ଆଦୌ ଉଲ୍ଲେଖ ରହୁନାହିଁ। ଏ ସମ୍ପର୍କରେ ଡାକ୍ତର ରମେଶ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ଖାଦ୍ୟରେ ବ୍ୟବହାର କରାଯାଉଥିବା ଅନୁପଯୋଗୀ ରଙ୍ଗ, ବାସି ଖାଦ୍ୟ ଯୋଗୁ ଗଳା ଓ ଜିଭ କୁଣ୍ଡାଇହେବା, ଶ୍ୱାସ ପ୍ରଶ୍ୱାସରେ କଷ୍ଟ ହେବା, ଲୋ ବ୍ଲଡ ପ୍ରେସର, ବାନ୍ତି, ଡାଇରିଆ, ଦେହ ଫଳିଯିବାଠାରୁ ଆରମ୍ଭ କରି କାର୍ସିନୋଜେନିକ ବା କର୍କଟ ରୋଗ ସୃଷ୍ଟି ହେଉଛି। ଫଳ ପାଚିବା ପାଇଁ ରାସାୟନିକ ଦ୍ରବ୍ୟ ବହୁଳ ବ୍ୟବହାର ହେଉଥିବା ବେଳେ ପରିବା କଞ୍ଚା ଦେଖାଯିବା ପାଇଁ ବ୍ୟବସାୟୀମାନେ ରଙ୍ଗ ବ୍ୟବହାର କରୁଛନ୍ତି। ଏହି ଜିଲାରେ ଖାଦ୍ୟ ନମୁନା ପରୀକ୍ଷା ପାଇଁ ଗବେଷଣାଗାର ଆବଶ୍ୟକ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଉପଜିଲାପାଳ ରବୀନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରତି ମାସ ବିଭିନ୍ନ ସ୍ଥାନରେ ଗ୍ରାହକଙ୍କୁ ଦିଆଯାଉଥିବା ଖାଦ୍ୟ ସମ୍ପର୍କରେ ତନଖି ହେଉଛି। କେତେକ ସ୍ଥାନରେ ଖାଦ୍ୟ ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଉଛି। ନକଲି ଖାଦ୍ୟ ସାମଗ୍ରୀ ବିତରଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି।

# ଦ୍ୱିତୀୟ ଦିନରେ ଗରଦପୁର ବ୍ଲକ୍‌ରେ ଭିଜିଲାନ୍ସର ତଦନ୍ତ ଜାରି


ଭିଜିଲାନ୍ସ ଡିଏସ୍‌ପି ସୁଜାତା ଜେନାଙ୍କ ଉପସ୍ଥିତିରେ ପେଭର ବ୍ଲକ୍ ଖୋଳାଯାଇ ସ୍ଥିତି ଅନୁଧ୍ୟାନ କରାଯାଉଛି।

ପାଟକୁରା,୭।୮ (ରବୀନ୍ଦ୍ର ନାଥ ବାରିକ)

ଲୋକାଯୁକ୍ତଙ୍କ ନିର୍ଦ୍ଦେଶରେ ଗରଦପୁର ବ୍ଲକରେ ଭିଜିଲାନ୍ସର ଖୋଳତାଡ଼ ବୁଧବାର ଦ୍ୱିତୀୟ ଦିନରେ ଜାରି ରହିଥିଲା। କଟକ ଭିଜିଲାନ୍ସ ଡିଏସ୍‌ପି ସୁଜାତା ଜେନାଙ୍କ ନେତୃତ୍ୱରେ ଆସିଥିବା ଏକ ଟେକ୍ନିକାଲ ଟିମ୍ ମଙ୍ଗଳବାର ଗରଦପୁର ଗ୍ରାମ ପଞ୍ଚାୟତର ନୈନ୍ଦିପୁର ଖେଳ ପଡ଼ିଆ ଓ ନୈନ୍ଦିପୁର ନୋଡାଲ ସ୍କୁଲ ବୁଲି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ବୁଧବାର ଦ୍ୱିତୀୟ ଦିନରେ ନୈନ୍ଦିପୁର ସ୍କୁଲରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ଖୋଳତାଡ଼ ଆରମ୍ଭ କରିଛନ୍ତି। ସ୍କୁଲ ପରିସରରେ ପଡ଼ିଥିବା ଫ୍ଲେବର ବ୍ଲକକୁ ତାଡି କାର୍ଯ୍ୟର ମାନ ନିର୍ଦ୍ଧାରଣ ସହିତ ହୋଇଥିବା କାମର ମାପଚୁପ କରିଥିଲେ। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବିଶରଞ୍ଜନ ସିଂଙ୍କୁ ବିଭିନ୍ନ ପ୍ରଶ୍ନ ଭିଜିଲାନ୍ସ ଟିମ୍ ପଚାରିଥିଲେ। ସୂଚନାଯୋଗ୍ୟ, ୨୦୨୦-୨୧ଓ ୨୧-୨୨ରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଲକ୍ଷାଧିକ ଟଙ୍କା ନୈନ୍ଦିପୁର ଖେଳ ପଡ଼ିଆ ଓ ନୈନ୍ଦିପୁର ସ୍କୁଲ ଉନ୍ନତିକରଣ ନାମରେ ତୋଷରପାତ ହୋଇଥିବା ଗରଦପୁର ଗ୍ରାମର ସୂଚନା ଅଧିକାର କର୍ମୀ ପବିତ୍ର କୁମାର ପାଣି ଲୋକାଯୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ।

# ଭାଜପା ପକ୍ଷରୁ ଡେରାବିଶ ବିଡିଓଙ୍କୁ ଦାବିପତ୍ର

ଡେରାବିଶ,୭।୮ (ବେବର୍ତ୍ତା ଅଜୟ ଦାସ)

**୫-ଟି,ଆମ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟର ତଦନ୍ତ ଦାବି**

ପାଟକୁରା ଭାଜପା ପକ୍ଷରୁ ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ଡେରାବିଶ ବିଡିଓ ଦାଶରଥୀ ଜେନାଙ୍କୁ ଭେଟି ଏକ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ବିଜେଡି ସରକାର ସମୟରେ ୫-ଟି ଏବଂ ଆମ ଓଡ଼ିଶା - ନବୀନ ଓଡ଼ିଶା ଯୋଜନାରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷେ ଭାଜପା ସରକାର ଦ୍ୱାରା ପ୍ରଣୟନ କରାଯାଇଥିବା ଜନହିତକର ଯୋଜନାର ଠିକ ରୂପାୟନ , ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ତୁରନ୍ତ ବ୍ଲକସ୍ତରୀୟ ରୋଗୀ କଲ୍ୟାଣ ସମିତି ଓ ବିଭିନ୍ନ କମିଟି ଗଠନ, ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଦ୍ୱାରା କରାଯାଉଥିବା ବିଭିନ୍ନ ଯୋଜନାର ଠିକ୍ ପରିଚାଳନା, ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କ ଅର୍ନ୍ତଭୁକ୍ତୀକରଣ ଓ ନୂତନ ଯୋଗ୍ୟ ଗରିବ ହିତାଧିକାରୀ ଚିହ୍ନଟ କରି ଏହି ଯୋଜନାରେ ସାମିଲ କରିବା, ଅଙ୍ଗନୱାଡି,ବିଦ୍ୟାଳୟର ଉନ୍ନତିକରଣ ଓ ଶିକ୍ଷା ବ୍ୟବସ୍ଥାର ଆଧୁନିକୀକରଣ ଏବଂ ବ୍ଲକବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ଏହି ବ୍ୟବସ୍ଥାର ଠିକ ପରିଚାଳନା କରିବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ଡେରାବିଶ ବ୍ଲକ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକ, ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ, ଜିଲା ପରିଷଦ ସଭ୍ୟା ଡଲି ଶତପଥୀ, ବରିଷ୍ଠ ନେତା ସରୋଜକାନ୍ତ ପଣ୍ଡା, ମମତା ସେଠୀ ଓ ଚନ୍ଦୋଳ ମଣ୍ଡଳ ସଭାପତି ତାପସ ରଞ୍ଜନ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଦାବିପତ୍ରର ଏକକିତା ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରଦାନ କରାଯାଇଥିବା ମହାନ୍ତି ସୂଚନା ପ୍ରଦାନ କରିଛନ୍ତି।


ବିଡିଓଙ୍କୁ ଭାଜପା ପ୍ରତିନିଧିମାନେ ଦାବିପତ୍ର ଦେଉଛନ୍ତି।

# ଖରସ୍ରୋତା ନଦୀରେ ବ୍ୟାରେଜ ନିର୍ମାଣ ଦାବି



ବୈଠକରେ ବିଧାୟକ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ।

ରାଜକନିକା, ୭।୮ (ସଞ୍ଜୟ କୁମାର ଦାଶ)

**ରାଜକନିକା ପଞ୍ଚାୟତ ସମିତିର ୫ମ ଅଧିବେଶନ**

ରାଜକନିକା ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷରେ ୫ମ ସାଧାରଣ ଅଧିବେଶନ ୯ ମାସ ପରେ ବୁଧବାର ବ୍ଲକ ଅଧକ୍ଷା ମିନତି ରାଉତ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରତାପ କେଶରୀ ଦେବ, ସାଂସଦଙ୍କ ପ୍ରତିନିଧି ବସନ୍ତ କୁମାର ବିଶ୍ୱାଳ, ପଞ୍ଚାୟତ ସମିତି ଉପାଧକ୍ଷ ତନ୍ମୟ ରଞ୍ଜନ ଦାସ, ବିଡିଓ ପୃଥ୍ୱୀରାଜ ପରିଡା, କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ଜିଲା ପରିଷଦ ସଭ୍ୟ ପ୍ରତାପ କୁମାର ବେହେରା ଓ ସଭ୍ୟ ପ୍ରବୀଣା ଦାସ ପ୍ରମୁଖ ଯୋଗଦେଇଥିଲେ।

ବୈଠକ ଆରମ୍ଭରୁ ବରୁଡ଼ିଆ ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି ଓ ଭରିଗଦା ସମିତିସଭ୍ୟ ଶରତ ରାଉତ ଖରସ୍ରୋତା ନଦୀରେ ବ୍ୟାରେଜ ନିର୍ମାଣ ପ୍ରସଙ୍ଗ ଉଠାଇ ଥିଲେ। ଗଞ୍ଜା ନଦୀ ଓ ଭରିଗଦା ପଞ୍ଚାୟତରେ କେନାଲ ଠିକ୍ ଭାବେ ଖନନ ନ ହୋଇ ଦୁର୍ନୀତି ହୋଇଛି। ରାଜକନିକା ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଶବ ସଂରକ୍ଷଣ ଗୃହ ନିର୍ମାଣ, ଚାଷ ଜମିରୁ ବେଣା ଗଛ ସଫା କରିବା, ଏଥିସହ ବୈଠକ ୩ ମାସରେ ଡକାଯାଉ କହିଥିଲେ। ବୈଠକର ରିଜୋଲୋଶନ କପି ୧୫ ଦିନରେ ସମସ୍ତ ସଭ୍ୟମାନଙ୍କୁ ପ୍ରଦାନ କରାଯାଉ। ବରୁଣାଡ଼ିହି ସରପଞ୍ଚ ମହାନ୍ତି ରାଶନ କାର୍ଡ ପ୍ରସଙ୍ଗ ଉତ୍ଥାପନ କରି ବ୍ଲକରେ କେତେଜଣ ହିତାଧିକାରୀ କାର୍ଡ ପାଇନାହାନ୍ତି ତାର ହିସାବ ମାଗିଥିଲେ। ଉତ୍ତର ରଖି ଯୋଗାଣ ନିରକ୍ଷକ ଦେବୀ ପ୍ରସାଦ ଦାଶ କହିଥିଲେ, ୨୦୧୧ ଅନୁସାରେ ୧ ଲକ୍ଷ ୩୧ ଲୋକସଂଖ୍ୟା ଥିବାବେଳେ ୧ ଲକ୍ଷ ୨୪ ହଜାର ରାଶନ କାର୍ଡ ଉପଭୋକ୍ତା ରାଶନ ପାଉଛନ୍ତି। ସେହିପରି ବରୁଣାଡ଼ିହା ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ବ୍ଲକର ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟକୁ ଯୋଗାଯୋଗ ପାଇଁ ରାସ୍ତା କାର୍ଯ୍ୟ କେବେ ସରିବ ଓ ସେଠାରେ ଛାତ୍ରୀଛାତ୍ର କେବେ ପାଠ ପଢ଼ିବେ ବୋଲି ପ୍ରଶ୍ନ କରିଥିଲେ। ନଆଁଗାଁ ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ ପଞ୍ଚାୟତର ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଦେଉଳତରା ସମିତିସଭ୍ୟ ବାବୁରାମ ଜେନା ସମଗ୍ର ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ ଏବଂ ସାଧାରଣ ଲୋକ ଘରେ ଘରେ ପାଣି କେବେ ପାଇବେ ବୋଲି ପ୍ରଶ୍ନ ଉଠାଇଥିଲେ। ବଳରାମପୁର ସମିତିସଭ୍ୟା ଅଞ୍ଜନା ସାହୁ ଓ ପେଗରପଡ଼ା ସରପଞ୍ଚ ଶ୍ରଦ୍ଧାଞ୍ଜଳୀ ମଲିକ ଓଳାଭର ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଓ ଔଷଧ ରଖିବା ନେଇ ଦାବି କରିଥିଲେ। ପେଗରପଡ଼ା ସମିତିସଭ୍ୟ ପ୍ରବେଶନ ମଲିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ଚାଷୀମାନଙ୍କ ମୌଳିକ ସୁବିଧା, ଜଳସେଚନର ବ୍ୟବସ୍ଥା, ପ୍ରାଥମିକ କୃଷି ସମବାୟ ସମିତିରେ ଚାଷୀଙ୍କ ଅଜାଣତରେ ଟଙ୍କା ହଡପ ଘଟଣାକୁ ନେଇ ପ୍ରସଙ୍ଗ ଉଠାଇଥିଲେ। ସେହିପରି ହାଟସାହି ସରପଞ୍ଚ ସିତାରାଣୀ ଦାସ କଣ୍ଡିଆ ପିଏଚସିକୁ ସିଏଚସି କରି ସ୍ଥାୟୀ ଡାକ୍ତର ନିଯୁକ୍ତି ଦିଆଯାଉ ବୋଲି ଦାବି ରଖିଥିଲେ। ସମସ୍ତ ପ୍ରସଙ୍ଗରେ ବିଧାୟକ ଦେବ ଉତ୍ତର ରଖିଥିଲେ। ୨୯ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟାସଭ୍ୟଙ୍କର ପ୍ରସଙ୍ଗ ଥିବା ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ଖାଉଟି ଯୋଜନା ସମ୍ପର୍କରେ ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସଭ୍ୟାସଭ୍ୟମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ।

# ହାଣ୍ଡିଶାଳରୁ ଆଳୁ ଉଭାନ

ଡେରାବିଶ,୭।୮ (ବେବର୍ତ୍ତା ଅଜୟ ଦାସ)

- ଡେରାବିଶ ବ୍ଲକ ଅଞ୍ଚଳରେ ଆଳୁ କେଜି ୬୦
- ଜିଲା ଯୋଗାଣ ବିଭାଗ ପକ୍ଷରୁ ଆଳୁ ଦୋକାନରେ ଚଢ଼ାଉ

ଗତ ୧ ସପ୍ତାହ ହେବ ଆଳୁର ଉତ୍କଟ ଅଭାବ ପରିଲକ୍ଷିତ ହୋଇଛି। ଏହାର ପ୍ରଭାବ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ପଡ଼ିଛି। ଖୁଚୁରା ଦୋକାନରେ ଆଳୁ କିଲୋପିଛା ୬୦ ଟଙ୍କା ଓ କେତେକ ସ୍ଥାନରେ ୭୦ରୁ ୮୦ ଟଙ୍କାରେ ବିକ୍ରି କରାଯାଉଛି। ଅହେତୁକ ଦର ବୃଦ୍ଧି ପାଇଁ ହାଣ୍ଡିଶାଳରୁ ଆଳୁ ଉଭାନ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଜିଲାର ପ୍ରମୁଖ ବଜାର ଚାନ୍ଦୋଳଠାରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ମହାପାତ୍ରଙ୍କ ନେତୃତ୍ୱରେ ସହକାରୀ ଜିଲା ଯୋଗାଣ ଅଧିକାରୀ ଦେବସ୍ମିତା ମାର୍ଥା, ଡେରାବିଶ ଯୋଗାଣ ନିରୀକ୍ଷକ ପି, ସୌମ୍ୟଦିପ୍ତା, ମହାକାଳପଡ଼ା ଯୋଗାଣ ନିରୀକ୍ଷକ ସ୍ୱରୁପ କୁମାର ଦାସ ପ୍ରମୁଖ ବିଭିନ୍ନ ଆଳୁ ଗୋଦାମ ସହ ଖୁଚୁରା ବିକ୍ରୟ କେନ୍ଦ୍ରରେ ଚଢ଼ାଉ କରିଥିଲେ। ବଜାରରେ ଥିବା ପ୍ରମୁଖ ଗୋଦାମରେ ଆଳୁ ଗଚ୍ଛିତ ନ ଥିବା ବେଳେ କେତେକ ଖୁଚୁରା ବିକ୍ରୟ କେନ୍ଦ୍ରରେ ଥିବା ଆଳୁ ଦରକୁ ପରଖିଥିଲେ। ଆଳୁ କିଲୋପିଛା ୪୦ ଟଙ୍କାରୁ କମ୍ ମୂଲ୍ୟରେ ବିକିବା ପାଇଁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ ମଧ ସେମାନେ କିଲୋପିଛା ୪୦ରୁ ଉର୍ଦ୍ଧ୍ୱ ଟଙ୍କାରେ ଭୁବନେଶ୍ୱରରୁ ଆଳୁ କିଣୁଥିବା ଏବଂ ପରିବହନ ଖର୍ଚ୍ଚ ମିଶାଇଲେ ତାଙ୍କୁ କିଲୋପିଛା ୪୬ ଟଙ୍କା ପଡୁଛି ବୋଲି ଅଧିକାରୀଙ୍କୁ ଜଣାଇଥିଲେ। ତେବେ ପ୍ରତ୍ୟେକ ଖୁଚୁରା ଦୋକାନରେ କିଲୋପିଛା ୫୦ ଟଙ୍କା ଦର ଧାର୍ଯ୍ୟ କରିବା ସହ ପ୍ରତ୍ୟେକ ଦୋକାନରେ ଆଳୁ କିଲୋ ୫୦ ଟଙ୍କା ଲେଖାଥିବା ଏକ ବୋର୍ଡ଼ ଟଙ୍ଗାଯାଇଛି ବୋଲି ବ୍ଲକ୍ ଯୋଗାଣ ନିରୀକ୍ଷିକା ସୌମ୍ୟଦିପ୍ତା ସୂଚନା ଦେଇଛନ୍ତି। ଏଥିରୁ ଅଧିକ ଦରରେ ବିକ୍ରି କରାଗଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମ୍ପୃକ୍ତ ଦୋକାନୀଙ୍କୁ ଅଧିକାରୀମାନେ ତାଗିଦ କରିଛନ୍ତି। ଯୋଗାଣ ବିଭାଗର ଏହି ଅଧିକାରୀମାନେ ବ୍ଲକ୍ ଅଞ୍ଚଳର ଅନ୍ୟ ବଜାରରେ ମଧ ଚଢ଼ାଉ ଜାରି ରଖିଛନ୍ତି।


ଆଳୁ ଦୋକାନରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ।

# ଅବସରପ୍ରାପ୍ତ ସହକାରୀ ଶିକ୍ଷାମଣ୍ଡଳ ଅଧିକାରୀଙ୍କ ପରଲୋକ

ଆଳି/ଡେରାବିଶ/ ପଟ୍ଟାମୁଣ୍ଡାଇ,୭।୮ (ବନମାଳୀ ସେନାପତି/ ବେବର୍ତ୍ତା ଅଜୟ ଦାସ/ କଳ୍ପତରୁ ନାୟକ)


ନରହରି ସୁତାର

ଅବସରପ୍ରାପ୍ତ ସହକାରୀ ଶିକ୍ଷାମଣ୍ଡଳ ଅଧିକାରୀ ନରହରି ସୁତାରଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ୬୨ ବର୍ଷ ହୋଇଥିଲା। ସୁତାର ଆଳି ଥାନା ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମର ବାସିନ୍ଦା। ସେ ପ୍ରଥମେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପାଳପାଟଣା ଶ୍ରୀରାମପୁର , କଦମଦାଣ୍ଡି ଭୀମସେନ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ପରେ ସେ ପ୍ରମୋଶନ ପାଇ ସହକାରୀ ଶିକ୍ଷା ମଣ୍ଡଳ ଅଧିକାରୀ ଭାବେ ରାଜ୍ୟର ବିଭିନ୍ନ ବ୍ଲକରେ କାର୍ଯ୍ୟ କରିଥିଲେ। ଶେଷରେ ଡେରାବିଶ ବ୍ଲକରେ ସହକାରୀ ଶିକ୍ଷା ମଣ୍ଡଳ ଅଧିକାରୀ ଭାବେ କାର୍ଯ୍ୟ କରି ୨୦୨୩ ଜୁନ୍‌ରେ ଅବସର ଗ୍ରହଣ କରିଥିଲେ। ଏହାପରେ ସେ ବିଭିନ୍ନ ସମାଜ ମଙ୍ଗଳକାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ। ପରଲୋକ ଖବର ଜଣାପଡିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି, ବନ୍ଧୁ ଓ ଶୁଭେଚ୍ଛୁ ତାଙ୍କ ଶେଷ ଦର୍ଶନ କରିଥିଲେ।

# ପାଳପାଟଣା ସେତୁ ନିର୍ମାଣ ପାଇଁ ମିଳିଲା ପ୍ରତିଶ୍ରୁତି

ପଟ୍ଟାମୁଣ୍ଡାଇ,୭।୮ (କଳ୍ପତରୁ ନାୟକ)

- ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ
- କେନ୍ଦ୍ରାପଡ଼ା ଏମ୍‌ପି, ଆଳି, ରାଜନଗର ବିଧାୟକଙ୍କ ସହ ଆଲୋଚନା
- ୨୦୧୩ରୁ ଶିଳାନ୍ୟାସ ସତ୍ତ୍ୱେ ନିର୍ମାଣ ହୋଇପାରୁନି

କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର ବ୍ଲକ ଅଞ୍ଚଳର ଲୋକଙ୍କୁ ଉତ୍ତମ ଗମନାଗମନ ସୁବିଧା ଯୋଗାଇ ଦେବାକୁ ୨୦୧୩ରେ ମହାସାହାଣୀ-ପାଳପାଟଣା ସେତୁର ଶିଳାନ୍ୟାସ କରାଯାଇଥିଲା। ମାତ୍ର କେନ୍ଦ୍ର ସରକାରଙ୍କ ସାଗରମାଳା ଆନ୍ତଃ ଜଳପଥ ଯୋଜନାରେ ସେତୁକୁ ଉଚ୍ଚ କରିବା ପାଇଁ ପୂର୍ବପ୍ରସ୍ତୁତ ଟେଣ୍ଡର ଓ ଡିଜାଇନକୁ ବାତିଲ କରାଯାଇଥିଲା। ମାତ୍ର ୨୦୧୭ରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ସାନି ଟେଣ୍ଡର ଆହ୍ୱାନ କରି ନିର୍ମାଣକାରୀ ସଂସ୍ଥା ସହ ୨୦୨୨ରେ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ ମଧ ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାବେଳେ ସେତୁ ନିର୍ମାଣ ପୁଣି ଅନିଶ୍ଚିତତା ମଧକୁ ଚାଲିଯାଇଛି। ଗତ ୫ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନଶୁଣାଣି ଶିବିରରେ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର ବ୍ଲକର ୧୪ଟି ପଞ୍ଚାୟତ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣଙ୍କ ସ୍ୱାକ୍ଷର ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅବିଳମ୍ବେ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ପାଳପାଟଣା ସେତୁ ନିର୍ମାଣ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଜଣାପଡିଛି।

ପଟ୍ଟାମୁଣ୍ଡାଇ ବ୍ଲକ ପାଳପଟଣା ବ୍ରାହ୍ମଣୀ ନଦୀ ଉପରେ ସେତୁ ନିର୍ମାଣକୁ ତତ୍କାଳୀନ ବିଜେଡି ସରକାର ୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୧୩ରେ ଅନୁମୋଦନ କରି ତତ୍କାଳୀନ ମନ୍ତ୍ରୀ ଏବଂ ବର୍ତ୍ତମାନର ଆଳି ବିଧାୟକ ପ୍ରତାପ ଦେବ ମହାସାହାଣୀ-ପାଳପାଟଣା ସେତୁର ଶୁଭ ଦେଇଥିଲେ। ଏଥିପାଇଁ ସରକାରୀ ଭାବେ ଟେଣ୍ଡର କରାଯାଇଥିଲା। ମାତ୍ର କେନ୍ଦ୍ର ସରକାରଙ୍କ ସାଗରମାଳା ଆନ୍ତଃ ଜଳପଥ ଯୋଜନାରେ ବ୍ରାହ୍ମଣୀ ଓ ବୈତରଣୀ ନଦୀ ସଂଯୋଗୀକରଣ ପ୍ରକ୍ରିୟାରେ ଜାହାଜ ଚଳାଚଳ ପାଇଁ ସେତୁକୁ ଉଚ୍ଚ କରିବାକୁ ପୂର୍ବ ପ୍ରସ୍ତୁତ ଟେଣ୍ଡର ଏବଂ ଡିଜାଇନକୁ ବାତିଲ କରାଯାଇଥିଲା। ପରେ ୨୦୧୭ରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ୩୬ କୋଟି ୮ଲକ୍ଷ ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ ପାଇଁ ସାନି ଟେଣ୍ଡର ଆହ୍ୱାନ କରିଥିଲେ। ନିର୍ମାଣକାରୀ ସଂସ୍ଥା ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ ଟେଣ୍ଡର ପାଇ ସେତୁ ନିର୍ମାଣ ପାଇଁ ୨୦୨୨ରେ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ମାତ୍ର ନିର୍ଦ୍ଧାରିତ ସମୟରେ ଉକ୍ତ ସଂସ୍ଥା ସେତୁ ନିର୍ମାଣ କାର୍ଯ୍ୟ କରି ନ ଥିଲା। ଅଞ୍ଚଳବାସୀଙ୍କ ଉଦ୍‌ବେଗକୁ ଉପଲବ୍ଧି କରି ରାଜନଗର ବିଧାୟକ ଧ୍ରୁବ ସାହୁ ୨୦୨୩ ନଭେମ୍ବରରେ ବିଧାନସଭା ଅଧିବେଶନରେ ଏହି ସେତୁ ନିର୍ମାଣ ଆରମ୍ଭ କରାଯାଉ ନ ଥିବାରୁ ମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରିବାକୁ କହିଥିଲେ। କାର୍ଯ୍ୟ ଆରମ୍ଭ କରୁ ନ ଥିବା ସଂସ୍ଥାର ଟେଣ୍ଡର ବାତିଲ ସହ ସାନି ଟେଣ୍ଡର କରିବାକୁ ଦାବି କରିଥିଲେ। ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡାଇ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଟେଣ୍ଡର ବାତିଲ କରି ସାନି ଟେଣ୍ଡର ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକ୍ରିୟା ବୃତ୍ତାନ୍ତ ବେଳକୁ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ଫଳରେ ପାଳପାଟଣା ସେତୁ ନିର୍ମାଣ ପୁଣି ଅନିଶ୍ଚିତତା ମଧକୁ ଚାଲିଯାଇଥିଲା। ଏହି ସେତୁ ନିର୍ମିତ ହେଲେ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର ଅଞ୍ଚଳର ପ୍ରାୟ ୩ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବା ସହ ବିଶ୍ୱ ପ୍ରସିଦ୍ଧ ଭିତରକନିକାର ମଧ ପର୍ଯ୍ୟଟନ ବିକାଶ ପାଇଁ ପଥ ପରିଷ୍କାର କରିବ। ପ୍ରତିଦିନ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକ, ଯୁବକ, ଛାତ୍ର, ମହିଳା ଡଙ୍ଗା ସାହାଯ୍ୟରେ ଅତ୍ୟନ୍ତ ବିପଜ୍ଜନକ ଭାବେ ପାଳପଟଣାଠାରେ ବ୍ରାହ୍ମଣୀ ନଦୀ ପାର ହେଉଛନ୍ତି। ଏଥିପାଇଁ ସାଧାରଣ ଲୋକ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର ବ୍ଲକର ୧୪ଟି ପଞ୍ଚାୟତ ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଶାସନର, ଡାମରପୁର, ବଳଭଦ୍ରପୁର, ସଂସାରଫଳ, ଚନ୍ଦନନଗର, ଖଣତା, ଓଉପଦା ସରପଞ୍ଚଙ୍କ ସମେତ ଆଳି ବ୍ଲକର ସହିରା ସରପଞ୍ଚ ହେମନ୍ତ ମହାନ୍ତି, ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁ ଓ ନରେନ୍ଦ୍ରପୁର, ସିଙ୍ଗିରି ସରପଞ୍ଚ ଏବଂ ରାଜନଗର ବ୍ଲକର ବନ୍ଧପଡା ସରପଞ୍ଚ ପୁଷ୍ପଲତା ପାତ୍ରଙ୍କ ସମେତ ଶ୍ରୀରାମପୁର ପଞ୍ଚାୟତର ଶିକ୍ଷାବିତ ହରିହର ପତି, ଗଣେଶ ପ୍ରସାଦ ମହାନ୍ତ, ସାମାଜିକ କର୍ମୀ କୃଷ୍ଣ ଦାଶ, ସୁବାସ ରାଉତ, କଳ୍ପତରୁ ଭୂୟାଁ, ମହେଶ ପଣ୍ଡା, ନିରଞ୍ଜନ ପ୍ରଧାନ, ଅନ୍ତର୍ଯ୍ୟାମୀ ସାହୁ, ପ୍ରକାଶ କୁଣ୍ଡଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜନଗର ବିଧାୟକ ଧ୍ରୁବ ସାହୁ, ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କୁ ଭେଟି ସେତୁ ନିର୍ମାଣ ସମ୍ପର୍କରେ ଆଲୋଚନା କରିବା ସହିତ ଆଳି ଭୂଇଁପୁରଠାରେ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ଭେଟି ସେତୁ ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ। ସୋମବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଶିବିରରେ ସ୍ମାରକପତ୍ର ପ୍ରଦାନ କରିଥିଲେ।



**ସଂକ୍ଷେପରେ**

## ଶ୍ରୀବନ୍ତପୁର ସାଧନ କେନ୍ଦ୍ରରେ ନୂତନ ସିଆର୍‌ସିସି

ଯାଜପୁର,୭।୮ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ରସୁଲପୁର ବ୍ଲକ ଶ୍ରୀବନ୍ତପୁର ସାଧନ କେନ୍ଦ୍ରରେ ନୂତନ ସିଆରସିସି ଭାବେ ବସନ୍ତ କୁମାର ସାମଲ ଯୋଗ ଦେଇଛନ୍ତି। ସେ ପୂର୍ବରୁ ଭଗତ ଭଗବାନ ପ୍ରାଥମିକ ସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଏହି ଅବସରରେ ତାଙ୍କୁ ସାଧନ କେନ୍ଦ୍ରର ରବୀନ୍ଦ୍ର ମହାନ୍ତି, ଅଭିରାମ ମଲ୍ଲିକ, ଅମୂଲ୍ୟ କୁମାର ପଣ୍ଡା, ହେମନ୍ତ କୁମାର ସାହୁ, ଲକ୍ଷ୍ମଣ କୁମାର ସାହୁ, ଲକ୍ଷ୍ମୀପ୍ରିୟା ସାହୁ, କାର୍ତ୍ତିକେଶ୍ୱର ଭୂୟାଁ, କ୍ଷୀରୋଦ ବିହାରୀ ପ୍ରଧାନ, ଶ୍ୟାମସୁନ୍ଦର ବେହେରା, ଶିକର ସିଂ ସରଦାର ପ୍ରମୁଖ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହାସହ ପୂର୍ବତନ ସିଆରସିସି ବିଜୟ କୁମାର ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନ ଦିଆଯାଇଥିଲା। ଏହି ଅବସରରେ ସାମଲ ନୂତନ ସିଆରସିସି ଭାବେ ଯୋଗଦେଇ ତାଙ୍କ ସାଧନ କେନ୍ଦ୍ର ଅଧୀନରେ ଥିବା ୧୪ଟି ସ୍କୁଲର ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଦୁର୍ଘଟଣା ଆହତଙ୍କୁ ହସ୍ପିଟାଲ ନେଲେ ଅଂଶୁମାନ

ପଟ୍ଟାମୁଣ୍ଡାଇ,୭।୮ (କଳ୍ପତରୁ ନାୟକ)

ରାଜନଗରର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ଅଂଶୁମାନ ମହାନ୍ତି ବୁଧବାର ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସାଙ୍ଗଠନିକ ସମୀକ୍ଷା ବୈଠକରେ ଯୋଗଦେଇ ଅପରାହ୍ନ ୩ଟାରେ କେନ୍ଦ୍ରାପଡ଼ା ଫେରୁଥିଲେ। ଏହି ସମୟରେ କଟକ-ଚାନ୍ଦବାଲି ରାସ୍ତାର ପଥରକଣି ଠାକୁରାଣୀ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତି ଆହତ ହୋଇ ଯନ୍ତ୍ରଣା ଭୋଗୁଥିଲେ। ଏହା ଦେଖି ପୂର୍ବତନ ବିଧାୟକ ମହାନ୍ତି ଅଟକି ତୁରନ୍ତ ଚିକିତ୍ସା ପାଇଁ ଆହତ ବ୍ୟକ୍ତିଙ୍କୁ ନିଜ ଗାଡ଼ିରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ନେଇ ତାଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲେ। ଅଂଶୁମାନଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ଜଣେ ବ୍ୟକ୍ତିଙ୍କ ଅମୂଲ୍ୟ ଜୀବନ ରକ୍ଷା ହୋଇପାରିଛି। ଅଂଶୁମାନଙ୍କ ଏହି ମହତ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବୈଶିଙ୍ଗା,୭।୮ (ରତନ ଦାଶ)

ମୟୂରଭଞ୍ଜ ଜିଲା ୧୮ନଂ. ଜାତୀୟ ରାଜପଥର ବୈଶିଙ୍ଗା ଥାନା ଅଧୀନ ଖଇରିବଣି ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ ଯୁବକ ଜଣକ ଜାତୀୟ ରାଜପଥ ଉପରେ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ। ପାଟ୍ରୋଲିଂ କରୁଥିବା ବୈଶିଙ୍ଗା ପୋଲିସ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ବୈଶିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୭/୨୪) ରୁଜୁ ହୋଇଛି।

# ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର

କାଳିଆପାଣି,୭।୮ (ଅସିତ ମହାନ୍ତ)

କାଳିଆପାଣି ପଞ୍ଚାୟତର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ଜଙ୍ଗଲଜମିରେ ଗଢ଼ି ଉଠିଥିବା ଅଟୱାଲ କଲୋନୀକୁ ଭାଙ୍ଗି ତୁରନ୍ତ ଜବରଦଖଲ ହଟାଇବାକୁ ଖଣିଅଞ୍ଚଳବାସୀ ଦାବି କରିଛନ୍ତି। ଅଟୱାଲ କମ୍ପାନୀ ୧୯୮୪ରେ ଟାଟାଷ୍ଟିଲର ଖଣି ଖନନ ଓ କ୍ରୋମ ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ହୋଇଥିଲା। କମ୍ପାନୀରେ କାର୍ଯ୍ୟ କରୁଥିବା କର୍ମଚାରୀ ସେତେବେଳେ ଜଙ୍ଗଲରେ ଟେଣ୍ଟପକାଇ ରହିଥିଲେ। ପରେ ଏକ କଲୋନୀ ନିର୍ମାଣ କରାଯାଇଥିଲା। ୨୦୨୦ରେ ଅଟୱାଲ କମ୍ପାନୀ ଚାଲି ଯିବାପରେ ସେହି ଘରଗୁଡ଼ିକୁ କେତେଜଣ



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମୁଷ୍ଟିମେୟ ଲୋକ ଜବରଦଖଲ କରି ବର୍ତ୍ତମାନ ନିଜେ ସେହି ଘରର ମାଲିକ ଭାବେ ପରିଚୟ ଦେଉଛନ୍ତି। ଏଠାରେ ବହୁ ଅସାମାଜିକ କାର୍ଯ୍ୟ ହେଉଛି। ବାହାର ରାଜ୍ୟରୁ ଆସି ଏଠାରେ ଆଶ୍ରୟ ନେଇଥିବା ଲୋକଙ୍କ ସମ୍ପର୍କୀୟମାନେ ବିଭିନ୍ନ ଅପରାଧ ଘଟାଇ ଏଠାରେ ଆତ୍ମଗୋପନ କରୁଛନ୍ତି ବୋଲି ବେଣୁଧର ମହାକୁଡ଼, ଗୁରୁଚରଣ ମହାନ୍ତ, ପ୍ରଦୀପ ଭଞ୍ଜ, ଚନ୍ଦ୍ରଭାନୁ ନାୟକ, ଲିଲି ଗାଗରାଇ, ଶତ୍ରୁଘନ ଗାଗରାଇ, ଲକ୍ଷ୍ମୀପ୍ରିୟା ହାଇବ୍ରୁ ଓ ସବିତା ମହାନ୍ତ ପ୍ରମୁଖ ଯାଜପୁର ଜିଲାପାଳ, ସୁକିନ୍ଦା ତହସିଲଦାର, ବନାଞ୍ଚଳ ଅଧିକାରୀ ଓ କାଳିଆପାଣି ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ଯାଜପୁର ବ୍ଲକ କଳାକାର ସଂଘ ବୈଠକ



କଳାକାର ସଂଘ ବୈଠକରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଯାଜପୁର ସଦର,୭।୮ (ସମର ବିଜୟ ଶରଣ)

ଯାଜପୁର ବ୍ଲକ କଳାକାର ସଂଘର ଏକ ବ୍ଲକସ୍ତରୀୟ ବୈଠକ ଓ ଆଲୋଚନାଚକ୍ର ବରୁଆଁ ତାରା ଦେବୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା, ସମ୍ମାନିତ ଅତିଥିଭାବେ ବ୍ଲକ କଳାକାର ସଂଘ ଉପସଭାପତି ସନ୍ତୋଷ କୁମାର ପଣ୍ଡା ଓ ଭକ୍ତ ଚରଣ ଦାସ, ମୁଖ୍ୟବକ୍ତା ଭାବେ ବିଜେଡି ଯାଜପୁର ଜିଲା ସାଂସ୍କୃତିକ ସମନ୍ୱୟ କମିଟି ସଭାପତି ହରିହର ସ୍ୱାଇଁ, ବ୍ଲକ କଳା ସଂସ୍କୃତି ପରିଷଦ ସଂଯୋଜକ ପରେଶ ମହାନ୍ତି ପ୍ରମୁଖ ଯୋଗଦେଇ କଳା, ସଂସ୍କୃତି ଓ କଳାକାରଙ୍କ ବିଷୟରେ ଆଲୋକପାତ କରିଥିଲେ। କଳାକାରଙ୍କୁ ସଦାସର୍ବଦା ସାହାଯ୍ୟ କରିବା ଓ ସଂସ୍କୃତିକୁ ପ୍ରସାର ପ୍ରଚାର କରିବା ପାଇଁ ପ୍ରସ୍ତୁତ ବୋଲି ଜିଲା ସଂସ୍କୃତି ଅଧିକାରୀ ମତ ରଖିଥିଲେ।

କଳାକାର ମାନେ ଏକତ୍ର ହୋଇ ନିଜର ହକ ପାଇଁ ସରକାରଙ୍କୁ ଅବଗତ କରାଇବା ଓ ସୁବିଧା ଅସୁବିଧାରେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ମୁଖ୍ୟବକ୍ତା ସ୍ୱାଇଁ ପରାମର୍ଶ ଦେଇଥିଲେ। ଏବେ କଳାକାରମାନଙ୍କୁ ପ୍ରଦାନ କରାଯାଉଥିବା ମାସିକ ସହାୟତା ରାଶି ବୃଦ୍ଧି କରିବା ପାଇଁ ଉପରସ୍ତରରେ ଆଲୋଚନା କରିବେ ବୋଲି ସେ କହିଥିଲେ। ପରେ ବ୍ଲକରୁ ଆସିଥିବା ଶତାଧିକ କଳାକାର ଜିଲା ସଂସ୍କୃତି ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ନିଜ ନିଜ ସମସ୍ୟା ଜଣାଇଥିଲେ। ଅନୁଷ୍ଠାନ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଏହି କମିଟି ମୁଖ୍ୟମନ୍ତ୍ରୀଙ୍କୁ ଖୁବ୍‌ଶୀଘ୍ର ସାକ୍ଷାତ କରି ବିଭିନ୍ନ ଦାବି ସମ୍ପର୍କରେ ଅବଗତ କରାଇବ ବୋଲି ସୂଚନା ଦିଆଯାଇଥିଲା।

## ହତ୍ୟା ମାମଲାରେ ୨ କୋର୍ଟ ଚାଲାଣ

ଠାକୁରମୁଣ୍ଡା,୭।୮ (ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ତରାମରା ଛକ ନିକଟରେ ଗତ ଶନିବାର ରାତିରେ ମାରପିଟ ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ଠାକୁରମୁଣ୍ଡା ପୋଲିସ ୨ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ତରାମରା ଗ୍ରାମର ବଳଭଦ୍ର ବେହେରାଙ୍କ ପୁଅ ବୀରେନ୍ଦ୍ର (୨୩) ଓ ଦୟାନିଧି ଲୋହାରଙ୍କ ପୁଅ କୁନମୁନ।

ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ଗ୍ରାମ ଦାସ ସାହିର ଦୁର୍ଯ୍ୟୋଧନ ବହୁବଳେନ୍ଦ୍ରଙ୍କ ପୁଅ ସନ୍ତୋଷଙ୍କୁ ତାଙ୍କ ସାଙ୍ଗ ବୀରେନ୍ଦ୍ର ବେହେରା ଶନିବାର ତରାମରା ଗାଁକୁ ଡାକିଥିଲେ। ଅପରାହ୍ନ ୪ଟାରେ ସନ୍ତୋଷ ଠାକୁରମୁଣ୍ଡାର ଗୁରୁଚରଣ ବାହୁବଳେନ୍ଦ୍ରଙ୍କ ସହିତ ଏକ ବାଇକ୍ ଯୋଗ ତରାମରା ଗ୍ରାମକୁ ଯାଇଥିଲେ। ସେଠାରେ ବୀରେନ୍ଦ୍ରଙ୍କ ସହିତ ମିଶି ପ୍ରଥମେ ପତ୍ରତୋଳା ସାହି ଓ ପରେ ବାଘମୁଣ୍ଡାସାହିକୁ ଯାଇଥିଲେ। ବାଘମୁଣ୍ଡା ସାହିରୁ ସେମାନେ ଆସି ସନ୍ଧ୍ୟା ପ୍ରାୟ ୭ଟାରେ ତରାମରା ଗ୍ରାମ ଛକରେ ପହଞ୍ଚିଥିଲେ। ତେବେ କୌଣସି କାରଣରୁ ସେଠାରେ ଗ୍ରାମର କେତେଜଣ ଯୁବକଙ୍କ ସହିତ ସନ୍ତୋଷଙ୍କର ବଚସା ହୋଇଥିଲା। ଗ୍ରାମର ଯୁବକମାନେ ସନ୍ତୋଷଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ପରିବାର ଲୋକେ ପହଞ୍ଚି ସନ୍ତୋଷଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ରବିବାର ସକାଳେ ଡାକ୍ତର ତାଙ୍କୁ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ବେଳେ ବାଟରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଠାକୁରମୁଣ୍ଡା ଥାନାରେ ଏକ ମାମଲା(ନଂ. ୭୩/୨୪) ରୁଜୁ ହୋଇଛି।

# ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

**ଶ୍ରେଷ୍ଠ ପ୍ରକଳ୍ପ ସଂକୁଳସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ**



ବିଜ୍ଞାନମେଳାରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ରସୁଲପୁର,୭।୮ (ରଂଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଞ୍ଚି ପଞ୍ଚାୟତର ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୁଧବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ବିଚାରକମାନଙ୍କ ପକ୍ଷରୁ ମନୋନୀତ ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ସଂକୁଳସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ବିଛାଖଣ୍ଡି ହାଇସ୍କୁଲର ପ୍ରଧାନଶିକ୍ଷକ ଅଜୟ କୁମାର ପୃଷ୍ଟି, ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ଦାସ, କମିଟି କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାହୁ, କୀର୍ତ୍ତନ ଚନ୍ଦ୍ର ସାହୁ, ଶିକ୍ଷକ ବସନ୍ତ କୁମାର ଦ୍ୱିବେଦୀ, ମମତା ବୋଇତାଇ, ସରୋଜ ମହାରଣା, ପ୍ରଫୁଲ୍ଲ କୁମାର ସାମଲ, ଅଶ୍ୱିନୀ ନାୟକ, ପ୍ରମୋଦ ମଲ୍ଲିକ, ମିତ୍ରଭାନୁ ନାୟକ ପ୍ରମୁଖ ଯୋଗଦେଇ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ସଂପର୍କରେ ମତବ୍ୟକ୍ତ କରିଥିଲେ। ମେଳା ପିଲାମାନଙ୍କ ମେଧାଶକ୍ତି ବୃଦ୍ଧି ଘଟାଇବା ସହ ନୂତନ ସର୍ଜନାର ଭାବନା ଜାଗ୍ରତ କରିଥାଏ। ବିଦ୍ୟାଳୟସ୍ତରୀୟ ମେଳାରେ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିଥାଏ ବୋଲି ମତ ପ୍ରକାଶ ପାଇଥିଲା ଏଠାରେ ଆୟୋଜିତ ମେଳାକୁ ୪ଟି ବର୍ଗ ସ୍ୱତନ୍ତ୍ର, ଶିଶୁ, ବାଲ୍ ଓ କିଶୋର ବର୍ଗରେ ବିଭକ୍ତ କରାଯାଇ ଥିଲା। ବିଭିନ୍ନ ବିଦ୍ୟାଳୟରୁ ବିଚାରକ ଭାବରେ ଯୋଗଦେଇ ଥିବା ବିଜ୍ଞାନ ଶିକ୍ଷକମାନେ ପିଲାମାନଙ୍କର ପ୍ରକଳ୍ପ ସଂପର୍କିତ ଜ୍ଞାନକୁ ପରୀକ୍ଷା କରିବା ସହ ଯୁଗପୋଯୋଗୀ ପ୍ରକଳ୍ପଗୁଡ଼ିକ ବିଚାରକମାନଙ୍କ ମନକୁ ଛୁଇଁ ପାରିଥିଲା। ପ୍ରଧାନ ଆଚାର୍ଯ୍ୟ ସଂଜୟ କୁମାର ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିବା ସହ ସଂକୁଳସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିବା ପ୍ରକଳ୍ପ ଗୁଡ଼ିକର ନାମ ଓ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ୨ ବର୍ଷୀୟା କନ୍ୟାଙ୍କୁ ବଳାତ୍କାର ଅଭିଯୋଗ

**ପାରାଦୀପ ଲକ୍ ଥାନା ଅଞ୍ଚଳରେ ଚାଞ୍ଚଲ୍ୟ**

ପାରାଦୀପ,୭।୮ (ଶରତ ରାଉତ)

ପାରାଦୀପ ଲକ୍ ଥାନା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ୨ ବର୍ଷୀୟା କନ୍ୟାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଗାଁ ଲୋକେ ସମ୍ପୃକ୍ତ ଅଭିଯୁକ୍ତକୁ ଧରି ଉତ୍ତମ ମଧ୍ୟମ ଦେବା ସହ ଲକ୍ ଥାନା ପୋଲିସକୁ ହସ୍ତାନ୍ତର କରିଛନ୍ତି। ପରେ ପୋଲିସ ଶିଶୁକନ୍ୟା ଓ ଅଭିଯୁକ୍ତଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଡାକ୍ତରୀ ମାଇନା କରିଛି।

ରିପୋର୍ଟ ଲେଖାହେବା ସୁଦ୍ଧା ପୋଲିସ,ଗ୍ରାମବାସୀ ହସ୍ପିଟାଲରେ ଅଛନ୍ତି। ସୂଚନା ମୁତାବକ, ଶିଶୁକନ୍ୟାଙ୍କ ଆଇମା' ତାଙ୍କୁ ସାଙ୍ଗରେ ନେଇ ରାସ୍ତା ପାଖ ଦୋକାନକୁ ଯାଇଥିଲେ। ସେଠାରେ ଦୋକାନ ବେଞ୍ଚ ଉପରେ ବସେଇ ଆଉ ଏକ ଦୋକାନକୁ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତ ଯୁବକ ଜଣକ ଶିଶୁକନ୍ୟାଙ୍କୁ କାଖେଇ ନେଇ ଦୋକାନ ପଛପଟେ ଥିବା ଏକ ଖାଲି ଘର ଭିତରେ ବଳାତ୍କାର ଉଦ୍ୟମ କରିଥିଲେ। ଶିଶୁକନ୍ୟା କାନ୍ଦିବାରୁ ଆଇମା' ଓ ଦୋକାନୀ ଯାଇ ଦେଖିବା ବେଳକୁ ଅଭିଯୁକ୍ତ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ଥିଲେ।

ଏହାକୁ ଦେଖି ସ୍ଥାନୀୟ ଦୋକାନୀ ଓ ଗାଁ ଲୋକେ ଅଭିଯୁକ୍ତଙ୍କୁ ଧରି ମାଡ଼ ମାରିବା ସହ ପୋଲିସକୁ ଡାକିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗାଁ ଲୋକମାନେ ଥାନା ପାଖରେ ରୁଣ୍ଡ ହୋଇଛନ୍ତି। ଏ ନେଇ ଥାନାରେ ନଂ. ୩୧୬/୨୪ରେ ମାମଲା ରୁଜୁ ହୋଇଛି।

# ଟ୍ରକ୍ ମାଲିକ ସଂଘ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଛତା ବଣ୍ଟନ



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ଯାଜପୁରରୋଡ୍,୭।୮ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ଟ୍ରକ୍ ମାଲିକ ସଂଘ ପକ୍ଷରୁ ବ୍ୟାସନଗର ପୌର ପରିଷଦ ଅଧୀନ ୧୪ନଂ. ୱାର୍ଡର ଚୋରଦାସ୍ଥିତ ଜବାହର ନୋଡାଲ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ବୁଧବାର ଛତା ବଣ୍ଟନ କରାଯାଇଛି।

କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉପନଗରପାଳ ସୁବାସ ଚନ୍ଦ୍ର ବଳ, ସ୍ଥାନୀୟ କାଉନସିଲର ସିଦ୍ଧାର୍ଥ ଶଙ୍କର ସାମଲ, ମଣିନ୍ଦ୍ର ସାହୁ ଉପସ୍ଥିତ ରହି ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଛତା ବଣ୍ଟନ କରିଥିଲେ। ଟ୍ରକ୍ ମାଲିକ ସଂଘ ମୁଖ୍ୟ ଉପଦେଷ୍ଟା ହୃଦାନନ୍ଦ ସାମଲ, ବିଜୟ ମହାନ୍ତି, ରାଜକିଶୋର ପ୍ରଧାନ, ବିନୋଦ ଶର୍ମା, ଅଶୋକ ଦାସ, ଆନନ୍ଦ ଚନ୍ଦ୍ର ବଳ, ପୂର୍ବତନ ସଭାପତି କିଶୋର କୁମାର ରାଉତ, ସଭାପତି ଅମିୟ ରଞ୍ଜନ ବାରିକ, ସାଧାରଣ ସମ୍ପାଦକ ଦିଲୀପ କୁମାର ମଲ୍ଲିକ, ଉପସଭାପତି କିଶୋର ରାଉତ, ଯୁଗ୍ମ ସମ୍ପାଦକ ବିଜୟ କୁମାର ଜେନା, ସହସମ୍ପାଦକ ଜୟଜିତ ପରିଡ଼ା, କୋଷାଧ୍ୟକ୍ଷ ସୁରେନ୍ଦ୍ର ଶର୍ମା, ରଞ୍ଜିତ ଜେନା, ସତ୍ୟବ୍ରତ ଜେନା, ସମୀର ପରିଡ଼ା, ଆନନ୍ଦ ମଲ୍ଲିକ, ସରୋଜ ଦାସ, ବିବେକାନନ୍ଦ ମହାନ୍ତି, ଅମୂଲ୍ୟ ପଣ୍ଡା, ବିଜୟ ଜେନା, ଅବିନାଶ ରାଉତ ଓ ମନୋଜ ରଣା ପ୍ରମୁଖ ସଂଘସଭ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଣ୍ଡୀ କ୍ଲବ ସମ୍ପାଦକ ଶିଶିର କୁମାର ରାଉତ ଓ ପ୍ରଶାନ୍ତ ବୋଇତାଇ ଯୋଗ ଦେଇଥିଲେ।

# ନାବାଳିକା ଅପହରଣକାରୀ ଯୁବକ ଗିରଫ

ରସୁଲପୁର,୭।୮ (ରଂଜିତ ରାଉତ)

କୁଆଖିଆ ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଯୁବକଙ୍କୁ ପୋଲିସ କେରଳରୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଏଥିସହିତ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁରରୋଡ ଥାନା ଅନ୍ତର୍ଗତ ଦାନଗଦି ସ୍ଥିତ ମାନଗୋବିନ୍ଦପୁର ଅଞ୍ଚଳର ଦିଲୀପ କୁମାର ସେଠୀ(୨୦)। ୩/୪ମାସ ତଳେ ଅଭିଯୁକ୍ତ ଦିଲୀପଙ୍କ ସହ ନାବାଳିକାଙ୍କ ସୋସିଆଲ୍ ମିଡିଆ ମାଧ୍ୟମରେ ପ୍ରେମ ସମ୍ପର୍କ ହୋଇଥିଲା। ଅଭିଯୁକ୍ତ କେରଳରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ତେଣୁ ଉଭୟ ସେହି ସ୍ଥାନକୁ ଚାଲିଯିବାକୁ ଯୋଜନା କରିଥିଲେ। ଚଳିତବର୍ଷ ମେ୨୨ରେ ଯୁବକ ଜଣକ ନାବାଳିକା ପ୍ରେମିକାଙ୍କୁ ବାହାରକୁ ଆସିବାକୁ କହି ରାସ୍ତା କଡରୁ ଅପହରଣ କରି ନେଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଝିଅକୁ ଠାବ କରିବାରେ ବିଫଳ ହୋଇଥିଲେ। ଏହାପରେ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୩୯/୨୪ରେ ଏକ ମାମଲା ରୁଜୁ କରି ନାବାଳିକାଙ୍କୁ ଠାବ କରିବା ପାଇଁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା। ଅଭିଯୁକ୍ତଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରିବାରୁ ସେ କେରଳରେ ରହୁଥିବା ଜଣାପଡ଼ିଥିଲା। ଏସଆଇ ହେମଲତା ଦାସ ଘଟଣାର ତଦନ୍ତ କରୁଛନ୍ତି।

# ଦେବୀ ନଦୀରେ ଭାସିଗଲେ ଯୁବକ, ଉଦ୍ଧାର କାର୍ଯ୍ୟ ଜାରି



ବାଲିକୁଦା,୭।୮ (ତାପସ ସ୍ୱାଇଁ)

ବାଲିକୁଦା ଥାନା ଅନ୍ତର୍ଗତ ଅପଣ୍ଡରା ପଞ୍ଚାୟତ ଶ୍ରୀବନ୍ତପୁର ଦେବୀ ନଦୀର ପ୍ରଖର ସ୍ରୋତରେ ଜଣେ ଯୁବକ ଭାସି ଯାଉଥିବା ନଦୀବନ୍ଧରେ ଦୋକାନ କରିଥିବା ଜଣେ ଯୁବକ ବୁଧବାର ମଧ୍ୟାହ୍ନରେ ଦେଖିବାକୁ ପାଇଥିଲେ। ଏହାପରେ ସେ ବାଲିକୁଦା ଅଗ୍ନିଶମ ବିଭାଗ ସମେତ ସ୍ଥାନୀୟ ଅନନ୍ତପୁର ଫାଣ୍ଡି ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ସୂଚନା ପାଇ ଅଗ୍ନିଶମ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରିବାକୁ ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ପତ୍ତା ମିଳିନାହିଁ। ଏଣୁ ଗୁରୁବାର ପୁଣି ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ସୂଚନା ମିଳିଛି। ଏଣୁ ନଦୀକୂଳିଆ ଲୋକଙ୍କ ମତ, ଗୁରୁବାର ନଦୀର ଶେଷଭାଗ କିମ୍ବା ସମୁଦ୍ର ମଧ୍ୟରେ ଯୁବକଙ୍କ ପତ୍ତା ମିଳିପାରେ। ଗତ ଏକ ମାସ ତଳେ ହୋଇଥିବା ଏକ ଘଟଣାରେ ଭାସି ଯାଇଥିବା ଯୁବକଙ୍କ ମୃତଦେହ ଏରସମା ଥାନା ଶିଆଳିଠାରେ ଲାଗିଥିଲା।

# ଇନରହୁଇଲ, ରୋଟାରି କ୍ଲବ୍ ପକ୍ଷରୁ ବନ୍ଧୁତା ଦିବସ

ଧର୍ମଶାଳା,୭।୮ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅଧୀନ ଜାରକା ଇନରହୁଇଲ ଓ ରୋଟାରି କ୍ଲବ ତରଫରୁ ବନ୍ଧୁତା ଦିବସ କ୍ଲବ ପରିସରରେ ପାଳିତ ହୋଇଯାଇଛି। ଇନରହୁଇଲ କ୍ଲବ୍ ସଭାନେତ୍ରୀ ରଶ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ରୋଟାରି କ୍ଲବ ସଦସ୍ୟ ବିଜୟ କୁମାର ଶତପଥୀ, କ୍ଲବ୍ ସଭାପତି ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ପଲେଇ, ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ ଯୋଗଦେଇ ବନ୍ଧୁତା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମକୁ ଇନରହୁଇଲର ସମ୍ପାଦିକା ଲୋପାମୁଦ୍ରା ଷଣ୍ଢ ଓ ପୂର୍ବତନ ସଭାପତି ମିନତି ସାହୁ ସଞ୍ଚାଳନ କରିଥିଲେ। ଇନରହୁଇଲ୍ କ୍ଲବ୍‌ର ଭଉଣୀମାନେ





ବନ୍ଧୁତା ଦିବସରେ ସାମିଲ ହୋଇଥିବା କର୍ମକର୍ତ୍ତାମାନେ।

ସମସ୍ତଙ୍କ ହାତରେ ବନ୍ଧୁତା ଡୋରି ବାନ୍ଧିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମାଧୁରୀ ଶତପଥୀ, ଗୋଲାପ ମଞ୍ଜରୀ ପଣ୍ଡା, ଡ. ଇନ୍ଦୁପ୍ରଭା ସାମଲ, ଅର୍ଚ୍ଚନା ସ୍ୱାଇଁ, କଳ୍ପନା ଖୁଣ୍ଟିଆ, କଳ୍ପନା ପରିଡ଼ା, ବିଶ୍ୱମିତ୍ରା ସାହୁ, ସରୋଜିନୀ ପଣ୍ଡା, କାଦମ୍ବିନୀ ମିଶ୍ର, ଶୁଭଲକ୍ଷ୍ମୀ କର, କଳ୍ପନା ନାୟକ, ପ୍ରଭାତ ନଳିନୀ ସାହୁ, ଅରୁଣାରଶ୍ମି ସାମଲ, ରୋଟାରି କ୍ଲବର ସଦସ୍ୟ ସତ୍ୟାନନ୍ଦ ବରାଳ, ଆଜାଦ୍ଧର ସାହୁ, ଜୟନ୍ତ କୁମାର ସାହୁ, ଇନ୍ଦ୍ରମଣି ନାୟକ, ବିନୋଦ ପରିଡ଼ା, ହରିହର ପଣ୍ଡା, ଅମୂଲ୍ୟ ମହାରଣା, ଦେବେନ୍ଦ୍ର ସାହୁ, ପ୍ରଦୀପ୍ତ ବରାଳ, ପ୍ରମୋଦ ସାମଲ, ସୁକାନ୍ତ ସ୍ୱାଇଁ, ଜୟଗୁରୁ ପାତ୍ର ଓ ଯତୀନ୍ଦ୍ର ମୋହନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# କ୍ରୀଡ଼ା, ନିଯୁକ୍ତି, ଚୋରା ମଦ ବନ୍ଦ ଉପରେ ଗୁରୁତ୍ୱ

ଜଗତ୍‌ସିଂହପୁର, ୭।୮
(ପ୍ରମୋଦ କୁମାର ନାୟକ)


ବୈଠକରେ ବିଧାୟକ ଅମରେନ୍ଦ୍ର ଦାସ ଓ ପ୍ରଶାସନିକ ଅଧିକାରୀ।

■ ବିଧାୟକଙ୍କ ବିଭାଗୀୟ କାର୍ଯ୍ୟାବଳୀର ସମୀକ୍ଷା
■ ସରକାରୀ ଯୋଜନା ଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚୁ

ଜଗତ୍‌ସିଂହପୁର ଜିଲାରେ ଚୋରା ମଦ କାରବାର ଚିନ୍ତାର କାରଣ ହୋଇଛି। ଗାଁ ଗହଳି କଥା ଛାଡନ୍ତୁ ଜିଲା ମୁଖ୍ୟାଳୟ ଏପରି କି ପୋଲିସ ମୁଖ୍ୟାଳୟ ନିକଟରେ ଏଭଳି ଚାଲିଛି। କଟକରୁ ଅବକାରୀ ସ୍କ୍ୱାଡ୍ ଆସି ଅତୀତରେ ୫୦୦ଲିଟର ମଦ ଜବତ କରିଥିଲେ ସୁଦ୍ଧା ଜିଲା ଅବକାରୀ ବିଭାଗ ଜାଣି ନ ପାରିବା ବିସ୍ମୟ ସୃଷ୍ଟି କରୁଛି। ସମାଜରେ ଘଟୁଥିବା ଅଧିକାଂଶ ହିଂସା, ଅପରାଧ ମାଦକଦ୍ରବ୍ୟ ଯୋଗୁ ହେଉଛି। ତେଣୁ ଅନ୍ତତଃ ଚୋରା ମଦ କାରବାର ବନ୍ଦ କରିବାକୁ ହେବ। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜଗତ୍‌ସିଂହପୁର ବିଧାୟକଙ୍କ ବିଭାଗୀୟ କାର୍ଯ୍ୟାବଳୀର ସମୀକ୍ଷା ବୈଠକରେ ବିଧାୟକ ଅମରେନ୍ଦ୍ର ଦାସ ଏହା କହିଛନ୍ତି।

ବିଧାୟକ ଦାସ କହିଥିଲେ, ଅତୀତରେ ଜଗତ୍‌ସିଂହପୁର ଜିଲା କ୍ରୀଡ଼ା କ୍ଷେତ୍ରରେ ଆଗୁଆ ଥିଲା। ଜିଲାରେ କ୍ରୀଡ଼ା ଭିତ୍ତିଭୂମି ଭଲ। କିନ୍ତୁ କାର୍ଯ୍ୟକ୍ରମମାନ କରାଯାଉ ନ ଥିବାରୁ କ୍ରୀଡବିତ୍‌ଙ୍କୁ ପ୍ରୋତ୍ସାହିତ କରାଯାଇପାରୁନାହିଁ। ତେଣୁ ଜିଲାରେ ଅଧିକ ସଂଖ୍ୟାରେ କ୍ରୀଡାବିତ୍ ସୃଷ୍ଟି କରିବା, ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ କ୍ରିକେଟ, ଆଥଲେଟିକ୍, ଭଲିବଲ୍ ଓ ଫୁଟବଲ୍ କ୍ରୀଡାବିତ୍‌ଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଇବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଉଚିତ। ପାରାଦୀପସ୍ଥିତ ବୃହତ ଶିଳ୍ପ ସଂସ୍ଥାଗୁଡିକର ସିଏସ୍‌ଆର୍ ପାଣ୍ଠିକୁ ଜିଲାର ୪ ନିର୍ବାଚନମଣ୍ଡଳୀର ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟରେ ବିନିଯୋଗ ପାଇଁ ସେ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଜିଲାର ବିସ୍ତୃତ ବେଳାଭୂମି ଓ ଉନ୍ନତ ଚାଷ ଜମି ରହିଛି। ତେଣୁ ବିଭିନ୍ନ କୃଷି ଉଦ୍ୟୋଗୀ ଯୋଜନା ଯଥା ମିଲେଟ ଚାଷ, ଫୁଲ, ଫଳ ଓ ପନିପରିବା, ମତ୍ସ୍ୟ, କୁକୁଡ଼ା ପାଳନ, ଗୋପାଳନ ଆଦି ଆଡକୁ ଚାଷୀଙ୍କୁ ଆକର୍ଷିତ କରିପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଜିଲା ଉତ୍ସବର ସାଧାରଣ ସଭାରେ ଅଯଥାରେ ଭାଷଣବାଜି ଚାଲୁଛି। ଯାହାକୁ ଲୋକେ ପସନ୍ଦ କରୁନାହାନ୍ତି। ତେଣୁ ଏଥର ସେଭଳି ହେବନି। ଲୋକଙ୍କ ମନୋରଞ୍ଜନକୁ ଗୁରୁତ୍ୱ ଦିଆଯିବ। ବିଧାୟକ ସରକାରୀ ଯୋଜନାର ଠିକ୍ ବିନିଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ, ଯୋଜନା ଠିକ୍ ଢଙ୍ଗରେ ଠିକ୍ ଲୋକ ପାଖରେ ପହଞ୍ଚିବା ଦରକାର। ଜନପ୍ରତିନିଧି ଓ ପ୍ରଶାସନର ସହଯୋଗରେ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରିବ। କୌଣସି ବାହ୍ୟ ଶକ୍ତି ଦ୍ୱାରା ପ୍ରଭାବିତ ନ ହୋଇ ବର୍ତ୍ତମାନ ହିତାଧିକାରୀ ଚୟନ କରିବା ଦରକାର। ବର୍ତ୍ତମାନର ସରକାର କିଛି ଭଲ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସମସ୍ତଙ୍କ ସହଯୋଗ ଓ ଏକ ସୁସ୍ଥ ବାତାବରଣ ରହିଲେ ଜିଲାର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ଏହାବାଦ୍ ସମ୍ପ୍ରତି ଜିଲାରେ ଖାଲି ଥିବା ଅଧିକାରୀମାନଙ୍କ ପଦବୀ ତୁରନ୍ତ ପୂରଣ କରିବାକୁ ସେ ଆଶା ପୋଷଣ କରିଥିଲେ। ଏହାବାଦ୍ ଜିଲାରେ ମେଡିକାଲ କଲେଜ ସ୍ଥାପନ, ତଳିଆ ଅଞ୍ଚଳରେ ଜଳ ନିଷ୍କାସନ, ହାଟ ବଜାର ଅଞ୍ଚଳରେ ଡ୍ରେନେଜ ସୁବିଧା, ଅଘୋଷିତ ବିଦ୍ୟୁତ୍ କାଟ, ବୁଲା ପ୍ରାଣୀଙ୍କ ନିମନ୍ତେ ଶେଡ୍ ଓ ଖାଦ୍ୟ ବ୍ୟବସ୍ଥା, ମିଶନ ଶକ୍ତି ଦ୍ୱାରା ମା'ମାନଙ୍କ ଉନ୍ନତି, ମିଶନ ଶକ୍ତି ସ୍କୁଟି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ପୌରାଞ୍ଚଳରେ ପାଇଖାନା ଓ ଆବାସ ଯୋଜନାର ଠିକ୍ ନିରୂପଣ, ମତ୍ସ୍ୟ ପୋଖରୀ ଯୋଜନା, ରାସ୍ତା ଘାଟ ନିର୍ମାଣ ଓ ମରାମତି, ବେଆଇନ ବାଲି ଚାଲାଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଏଲ୍‌ଆଇ ପଏଣ୍ଟ କାର୍ଯ୍ୟକ୍ଷମ, ଅଙ୍ଗନୱାଡିରେ ଦିଆଯାଉଥିବା ଛତୁଆର ମାନ ତଦାରଖ, ପୋଷାକ ଓ ଖାଦ୍ୟପେୟ ଯୋଗାଉଥିବା ସଂସ୍ଥାର ତଦାରଖ ଓ ଅର୍ଡର ଡେଲିଭରି ହେବାବେଳେ ତାହାର ଗୁଣବତ୍ତା ପରୀକ୍ଷା କରିବା, ବଡବାଗ ତନ୍ତୁବାୟ ସମିତିର ପୁନରୁଦ୍ଧାର ଓ ପ୍ରୋତ୍ସାହନ ଆଦି ବିଷୟରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଥିଲା। ଜିଲାରେ ଥିବା ଶିକ୍ଷିତ ଉଦ୍ୟୋଗୀମାନଙ୍କୁ ଉନ୍ନତ, ଆଧୁନିକ ତଥା ବୈଜ୍ଞାନିକ ପଦ୍ଧତିରେ ଚାଷ କରିବାକୁ ପ୍ରେରିତ କରିବାକୁ ହେବ। ଅନ୍‌ଲାଇନ ପଟ୍ଟା ବଣ୍ଟନ, ଜମି ଡିମାର୍କେସନ, ପାଇଖାନା ଓ ଆବାସ ଯୋଜନାର ତଦାରଖ ଆଦି ବିଷୟରେ ମଧ୍ୟ ସମୀକ୍ଷା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ଜିଲାପାଳ ସମ୍ବିତ କୁମାର ରାଉତ ଯୋଗଦେଇ ମଝିରେ ମଝିରେ ବିଭାଗର କାର୍ଯ୍ୟକାରିତା ଉପରେ ସମୀକ୍ଷା ବୈଠକ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଓ ଉପ ଜିଲାପାଳ ପ୍ରଦୀପ ସାହୁ ଯୋଗ ଦେଇଥିଲେ। ବୈଠକର ପ୍ରାରମ୍ଭରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ଉପନିର୍ଦ୍ଦେଶକ ସବିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

# ଦେବୀ ନଦୀରେ ଭାସିଗଲେ ଯୁବକ, ଉଦ୍ଧାର କାର୍ଯ୍ୟ ଜାରି


ନଦୀରେ ଭାସିଯାଇଥିବା ଯୁବକଙ୍କୁ ଅଗ୍ନିଶମ ବାହିନୀର କର୍ମଚାରୀ ବୋଟ୍‌ରେ ଯାଇ ଖୋଜୁଛନ୍ତି।

ବାଲିକୁଦା, ୭।୮ (ତାପସ ସ୍ୱାଇଁ)

ବାଲିକୁଦା ଥାନା ଅନ୍ତର୍ଗତ ଅପଣ୍ଡରା ପଞ୍ଚାୟତ ଶ୍ରୀବନ୍ତପୁର ଦେବୀ ନଦୀର ପ୍ରଖର ସ୍ରୋତରେ ଜଣେ ଯୁବକ ଭାସି ଯାଉଥିବା ନଦୀବନ୍ଧରେ ଦୋକାନ କରିଥିବା ଜଣେ ଯୁବକ ବୁଧବାର ମଧ୍ୟାହ୍ନରେ ଦେଖିବାକୁ ପାଇଥିଲେ। ଏହାପରେ ସେ ବାଲିକୁଦା ଅଗ୍ନିଶମ ବିଭାଗ ସମେତ ସ୍ଥାନୀୟ ଅନନ୍ତପୁର ଫାଣ୍ଡି ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ସୂଚନା ପାଇ ଅଗ୍ନିଶମ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରିବାକୁ ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ପତ୍ତା ମିଳିନାହିଁ। ଏଣୁ ଗୁରୁବାର ପୁଣି ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ସୂଚନା ମିଳିଛି। ଏଣୁ ନଦୀକୂଳିଆ ଲୋକଙ୍କ ମତ, ଗୁରୁବାର ନଦୀର ଶେଷଭାଗ କିମ୍ବା ସମୁଦ୍ର ମଧ୍ୟରେ ଯୁବକଙ୍କ ପତ୍ତା ମିଳିପାରେ। ଗତ ଏକ ମାସ ତଳେ ହୋଇଥିବା ଏକ ଘଟଣାରେ ଭାସି ଯାଇଥିବା ଯୁବକଙ୍କ ମୃତଦେହ ଏରସମା ଥାନା ଶିଆଳିଠାରେ ଲାଗିଥିଲା।

# ଉପକୂଳ ରାସ୍ତା ନିର୍ମାଣ ନେଇ ସଂସଦରେ ସ୍ୱର ଉଠାଇଲେ ଜଗତ୍‌ସିଂହପୁର ଏମ୍‌ପି

କୁଜଙ୍ଗ, ୭।୮ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ ରାଜ୍ୟର ଉପକୂଳରେ ଉନ୍ନତମାନର ସାମୁଦ୍ରିକ ଢେଉ ପ୍ରତିରୋଧକ ରାସ୍ତା ନିର୍ମାଣ ପାଇଁ ଲୋକ ସଭାରେ ଦାବି କରିଛନ୍ତି। ବୁଧବାର ଲୋକ ସଭାରେ ଧାରା ୩୭୭ ଅନୁଯାୟୀ ଆଲୋଚନାରେ ଭାଗ ନେଇ ଏମ୍‌ପି ତରାଇ କହିଛନ୍ତି, ସାଗରମାଳା ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଏକ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ। ଏହି ପ୍ରକଳ୍ପ କେବଳ ଉପକୂଳ ରାସ୍ତା ନିର୍ମାଣ କଥା କହୁନି ବରଂ ବନ୍ଦରଗୁଡ଼ିକ ଆଧୁନିକୀକରଣ ସହ ଏପରି ଉପକୂଳ ରାସ୍ତା ନିର୍ମାଣ ହୋଇ ପାରିଲେ ଦେଶର ଅର୍ଥନୈତିକ ଦ୍ରୁତ ଅଭିବୃଦ୍ଧି (ଜିଡିପି) ସହ ଅଞ୍ଚଳବାସୀଙ୍କ ପାଇଁ ସୁରକ୍ଷା କବଚ ସାଜିବ ବୋଲି କହିଛନ୍ତି। ଏହି ଅବସରରେ ଏମ୍‌ପି ତରାଇ କହିଛନ୍ତି, ଏକ ବିଶ୍ୱ ସର୍ବେକ୍ଷଣ ସଂସ୍ଥା ଅନୁସାରେ ଓଡ଼ିଶାର ୪୮୨ କି.ମି. ଉପକୂଳ ଅଞ୍ଚଳରେ ଦ୍ରୁତ ମୃତ୍ତିକା କ୍ଷୟ ସହ ୨୦୫୦ ମସିହା ସୁଦ୍ଧା ରାଜ୍ୟର ୭ଟି ପ୍ରମୁଖ ନଦୀ ଓ ଏହାର ଅପକ୍ଷିପ୍ତ ଶିଳା ମଧ୍ୟ ଦ୍ରୁତ କ୍ଷୟ ଓ ପ୍ରଦୂଷିତ ହେବ। ଯଦି ଆଜିର ସମୟରେ ଯେଉଁଭଳି ପ୍ରଦୂଷଣ ମାତ୍ରା ବଢ଼ିଚାଲିଛି ଓ ଏହି ସ୍ଥିତି ବଳବତ୍ତର ରହେ, ତେବେ ରାଜ୍ୟର ୬ଟି ପ୍ରମୁଖ ଜିଲା ମଧ୍ୟ ମୃତ୍ତିକା କ୍ଷୟର ସମ୍ମୁଖୀନ ହେବା ସହ ମଧୁର ଜଳ ଲବଣାକ୍ତ ହେବ। ଉପକୂଳ ଅଞ୍ଚଳର ୪୫% ଏହି ଧାରାରେ କ୍ଷୟକ୍ଷତି ହେବା ଆରମ୍ଭ ହୋଇଥିବାବେଳେ ଯଦି ଏହାର ପ୍ରତିରୋଧ ପାଇଁ ପଦକ୍ଷେପ ଗ୍ରହଣ କରା ନ ଯାଏ, ତେବେ ବଳକା ୫୫% ୨୦୫୦ ମସିହା ସୁଦ୍ଧା ଗମ୍ଭୀର ରୂପ ନେବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଅବସରରେ ଉପକୂଳ ରାସ୍ତା ନିର୍ମାଣର ନିଶ୍ଚିତ ଆବଶ୍ୟକତା ବୋଲି ସେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିବା ସହ ରାଜ୍ୟର ଦକ୍ଷିଣ ଉପକୂଳ ଗଞ୍ଜାମରୁ ବାଲେଶ୍ୱର ପର୍ଯ୍ୟନ୍ତ ଅଞ୍ଚଳର ଯୋଗାଯୋଗ କ୍ଷେତ୍ରରେ ବହୁତ ଦୂରତା କମିଯିବ। ଖାଲି ସେତିକି ନୁହେଁ, ଲକ୍ଷାଧିକ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକାରେ ସମୃଦ୍ଧି ଆସିବା ସହ ଏହି ରାସ୍ତା ଏକ ସାମୁଦ୍ରିକ ଢେଉ ପ୍ରତିରୋଧକ ପ୍ରାଚୀର ଭଳି କାମରେ ଆସିବା ସହିତ ସୁନାମି ପରି ମହାବିପତ୍ତିରୁ ରକ୍ଷା କରିବାରେ ସମର୍ଥ ହେବ ବୋଲି କହିଛନ୍ତି। ଏହାସହ ଏହି ରାସ୍ତା ଶିଳ୍ପ, କୃଷି ଓ ବାଣିଜ୍ୟ ପାଇଁ ଏକ ଅପୂର୍ବ ବିକାଶର ସମ୍ଭାବନା ସୃଷ୍ଟି କରିବ। ଉକ୍ତ ରାସ୍ତା ନିର୍ମାଣ ହେଲେ ପର୍ଯ୍ୟଟନ କ୍ଷେତ୍ରରେ ଅପାର ସମ୍ଭାବନାର ଅବକାଶ ଦେବା ସହ ଯୋଗାଯୋଗ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସହ ଅନୁପ୍ରବେଶକୁ ପ୍ରତିହତ କରିପାରିବ ବୋଲି ସେ କହିଛନ୍ତି।

# ୭ ବର୍ଷୀୟା ବାଳିକାଙ୍କୁ ବଳାତ୍କାର ଅଭିଯୋଗ

ପାରାଦୀପ, ୭।୮ (ଶରତ ରାଉତ)

■ ପାରାଦୀପ ଲକ୍ ଥାନା ଅଞ୍ଚଳରେ ଚାଞ୍ଚଲ୍ୟ

ପାରାଦୀପ ଲକ୍ ଥାନା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ୭ ବର୍ଷୀୟା ବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଗାଁ ଲୋକେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରି ଉତ୍ତମ ମଧ୍ୟମ ଦେବା ସହ ପୋଲିସକୁ ହସ୍ତାନ୍ତର କରିଛନ୍ତି। ପରେ ପୋଲିସ ନାବାଳିକା ଓ ଅଭିଯୁକ୍ତଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଡାକ୍ତରୀ ମାଇନା କରିଛି। ରିପୋର୍ଟ ଲେଖାହେବା ଶୁଦ୍ଧା ପୋଲିସ, ଗ୍ରାମବାସୀ ହସ୍ପିଟାଲରେ ଅଛନ୍ତି। ସୂଚନା ମୁତାବକ, ନାବାଳିକାଙ୍କ ଆଇ ମା' ତାଙ୍କୁ ସାଙ୍ଗରେ ନେଇ ରାସ୍ତା ପାଖ ଦୋକାନକୁ ଯାଇଥିଲେ। ସେଠାରେ ଦୋକାନ ବେଞ୍ଚ ଉପରେ ବସେଇ ଆଉ ଏକ ଦୋକାନକୁ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତ ଯୁବକ ଜଣକ ଶିଶୁକନ୍ୟାଙ୍କୁ କାଖେଇ ନେଇ ଦୋକାନ ପଛପଟେ ଥିବା ଏକ ଖାଲି ଘର ଭିତରେ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣକ କାନ୍ଦିବାରୁ ଆଈମା' ଓ ଦୋକାନୀ ଯାଇ ଦେଖିବା ବେଳକୁ ଅଭିଯୁକ୍ତ ଜଣକ ବଳାତ୍କାର କରୁଛନ୍ତି। ଏହାକୁ ଦେଖି ସ୍ଥାନୀୟ ଦୋକାନୀ ଓ ଗାଁ ଲୋକେ ଅଭିଯୁକ୍ତଙ୍କୁ ଧରି ମାଡ଼ ମାରିବା ସହ ପୋଲିସକୁ ଡାକିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗାଁ ଲୋକ ଥାନା ପାଖରେ ରୁଣ୍ଡ ହୋଇଛନ୍ତି। ଏ ନେଇ ଥାନାରେ ନଂ. ୩୧୬/୨୪ରେ ମାମଲା ରୁଜୁ ହୋଇଛି।

# ଶିକ୍ଷାକ୍ଷେତ୍ରରେ ସୋମନାଥ ସାର୍‌ଙ୍କ ଅବଦାନ ଅତୁଳନୀୟ


ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ରଘୁନାଥପୁର, ୭।୮
(ରାଜେନ୍ଦ୍ର ନାରାୟଣ ସିଂହ)

■ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା

ରଘୁନାଥପୁର ବ୍ଲକ ତରିକୁନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ସ୍ୱର୍ଗତ ସୋମନାଥ ମିଶ୍ରଙ୍କ ବିଂଶତମ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ସଭାପତି ତଥା ପୂର୍ବତନ ଶିକ୍ଷକ ରଘୁନାଥ ପତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାକ୍ଷେତ୍ରରେ ସ୍ୱର୍ଗତ ମିଶ୍ର ଅଞ୍ଚଳବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ ବୋଲି ସେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ରଥ, କୈଳାସ ଚନ୍ଦ୍ର ସ୍ୱାଇଁ, ରବି ବାଗ୍‌ଚୀ ଓ ମୁଖ୍ୟବକ୍ତା ଭାବେ ମହେନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ହୋଇ ଆଦର୍ଶ ବ୍ୟକ୍ତିତ୍ୱ ସ୍ୱର୍ଗତ ମିଶ୍ରଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ ଓ କବିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ବୈଷ୍ଣବୀ ବେହେରା, ଅଂଶୁମାନ୍ ଆଚାର୍ଯ୍ୟ, ଶର୍ମିଷ୍ଠା ଭୋଇ, ସୁରଜ ପ୍ରଧାନ, ବିଶ୍ୱଜିତ ରାଉତରାୟ, ଆଶିଷ ଶୁଭଦିପ୍ତା ମହାପାତ୍ର, ସୌମ୍ୟା ଶୁଭଦର୍ଶନୀ ବେହେରା, ଗୀତାଞ୍ଜଳି ବେଜ୍, ସତ୍ୟରଞ୍ଜନ ସାହୁ, ଭାଗ୍ୟସ୍ମିତା ଭୋଇ ଓ ଅଙ୍କିତା ପ୍ରଧାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଶ୍ରୀବତ୍ସ ଆଚାର୍ଯ୍ୟ, ବୀରକିଶୋର ରାଉତରାୟ, ବୈଜ୍ଞାନିକ କିଶୋର ଚନ୍ଦ୍ର ସାହୁ, ବିମୋଦ ଜେନା, ସରପଞ୍ଚ ବନମାଳୀ ସାହୁ, ସମିତି ସଭ୍ୟ ସ୍ୱଦେଶ ଦାସ ଉପସ୍ଥିତ ଥିଲେ। ଏଥିରେ ସମସ୍ତ ପୁରାତନ ଛାତ୍ର ସହଯୋଗ କରିଥିବାବେଳେ ଛାତ୍ର ସଂସଦ ସମ୍ପାଦକ ପ୍ରାଣକୃଷ୍ଣ ସାହୁ ଧନ୍ୟବାଦ ଦେଇଥିଲେ।

■ ଆଳୁ କଳାବଜାର ରୋକାଯାଉ

# ଜିଲାପାଳ, ମନ୍ତ୍ରୀଙ୍କୁ ପତ୍ର

ରଘୁନାଥପୁର, ୭।୮ (ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲାରେ ଆଳୁର କୃତ୍ରିମ ଅଭାବ କରାଯାଇ ବ୍ୟାପକ କଳାବଜାର ହେଉଥିବା ସମ୍ପର୍କରେ ଉପଭୋକ୍ତା ସୁରକ୍ଷା ଅଭିଯାନ ଓଡ଼ିଶା, ଖାଉଟି ମହାସଂଘ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ସୁରକ୍ଷା ଅଭିଯାନର ସମ୍ପାଦକ ତଥା ସାମାଜିକ କର୍ମୀ ଗୋବିନ୍ଦ ଓଝା ଏ ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଓ ସଚିବଙ୍କୁ ମଧ୍ୟ ପତ୍ର ଦ୍ୱାରା ଅବଗତ କରିଛନ୍ତି। ବିଭିନ୍ନ ବ୍ଲକ ଅଞ୍ଚଳରେ ଆଳୁ କିଲୋ ପିଛା ୫୦ ରୁ ୬୦ ଟଙ୍କା ବିକ୍ରୟ ହେଉଥିବାବେଳେ ଏହା ସାଧାରଣ ଜନତାଙ୍କ ଉପରେ ବିଶେଷ ପ୍ରଭାବ ପକାଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ତୁରନ୍ତ ଆଳୁ କଳାବଜାରକାରୀଙ୍କ ଉପରେ ଚଢାଉ କରାଯାଇ, ଅତ୍ୟାବଶ୍ୟକ ସାମଗ୍ରୀ ଭାବେ ଆଳୁକୁ ସାଧାରଣ ଲୋକଙ୍କ ଉପଯୋଗୀ କରିବା ନିମନ୍ତେ ସମ୍ପାଦକ ଓଝା ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ପ୍ରତିଷ୍ଠାତାଙ୍କ ୯୪ତମ ଜୟନ୍ତୀ



କୁଜଙ୍ଗ, ୭।୮ (ମନୋଜ ପ୍ରଧାନ)

ଜେଏସ୍‌ଡବ୍ଲ୍ୟୁ ଗ୍ରୁପର ପ୍ରତିଷ୍ଠାତା ଓ.ପି. ଜିନ୍ଦଲଙ୍କର ୯୪ତମ ଜୟନ୍ତୀ ବୁଧବାର ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ପାଳନ କରାଯାଇଛି। ଏହି ଅବସରରେ ଜେଏସ୍‌ଡବ୍ଲ୍ୟୁର ବରିଷ୍ଠ ଅଧିକାରୀ ଧନଞ୍ଜୟ ସିହ୍ନା, ନିର୍ମଳେନ୍ଦୁ ପୁରୋହିତଙ୍କ ସହିତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ସ୍ୱର୍ଗତ ଓ.ପି. ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୯୩୦ରେ ଜନ୍ମ ଗ୍ରହଣ କରିଥିବା ଓ.ପି. ଜିନ୍ଦଲ ସାରା ଭାରତ ବର୍ଷରେ ଇସ୍ପାତ ଶିଳ୍ପ ଜଗତର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ତାଙ୍କର ସେହି ଯୁଗାନ୍ତକାରୀ ପଦକ୍ଷେପ ପାଇଁ ଆଜି ଜିନ୍ଦଲ ଗ୍ରୁପ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି। ଏହି ଅବସରରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲର ସ୍ଥାନୀୟ ପାରାଦୀପସ୍ଥିତ ଜଟାଧାର ଭବନ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯିବା ସହ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ନେହେରୁ ବଙ୍ଗଳାସ୍ଥିତ ପାରାଦୀପ ପୋର୍ଟ ପ୍ରାଇଭେଟ ଲିମିଟେଡ୍ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୧୦୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଦୁର୍ଘଟଣା ଆହତଙ୍କୁ ହସ୍ପିଟାଲ ନେଲେ ଅଂଶୁମାନ

ପଟ୍ଟାମୁଣ୍ଡାଇ, ୭।୮ (କଳ୍ପତରୁ ନାୟକ)

ରାଜନଗରର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ଅଂଶୁମାନ ମହାନ୍ତି ବୁଧବାର ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସାଙ୍ଗଠନିକ ସମୀକ୍ଷା ବୈଠକରେ ଯୋଗଦେଇ ଅପରାହ୍ନ ୩ଟାରେ କେନ୍ଦ୍ରାପଡ଼ା ଫେରୁଥିଲେ। ଏହି ସମୟରେ କଟକ-ଚାନ୍ଦବାଲି ରାସ୍ତାର ପଥରକଣି ଠାକୁରାଣୀ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତି ଆହତ ହୋଇ ଯନ୍ତ୍ରଣା ଭୋଗୁଥିଲେ। ଏହା ଦେଖି ପୂର୍ବତନ ବିଧାୟକ ମହାନ୍ତି ଅଟକି ତୁରନ୍ତ ଚିକିତ୍ସା ପାଇଁ ଆହତ ବ୍ୟକ୍ତିଙ୍କୁ ନିଜ ଗାଡ଼ିରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ନେଇ ତାଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲେ। ଅଂଶୁମାନଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ଜଣେ ବ୍ୟକ୍ତିଙ୍କ ଅମୂଲ୍ୟ ଜୀବନ ରକ୍ଷା ହୋଇପାରିଛି। ଅଂଶୁମାନଙ୍କ ଏହି ମହତ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



# ୨୦ ବର୍ଷ ହେଲା କେନାଲ ଶେଷମୁଣ୍ଡରେ ପହଞ୍ଚୁନି ପାଣି

ଡେରାବିଶ, ୭।୮ (ବେବର୍ତ୍ତା ଅଜୟ ଦାସ)

■ ଜଳ ସମ୍ପଦ ବିଭାଗ କଟକ ନର୍ଥ ଡିଭିଜନର ଅପାରଗତା
■ ଶତାଧିକ ହେକ୍ଟର ଚାଷଜମି ଜଳସେଚନରୁ ବଞ୍ଚିତ

ପ୍ରବାଦ ଅଛି ଚାଷ ତରତର, ବଣିଜ ମଠ। କେନାଲ ଅଛି, ହେଲେ ଶେଷ ମୁଣ୍ଡଯାଏ ପାଣି ଯାଉ ନ ଥିବାରୁ ୨୦ ବର୍ଷ ହେଲା ଶତାଧିକ ହେକ୍ଟର ଚାଷଜମି ଜଳସେଚନରୁ ବଞ୍ଚିତ ହୋଇଛି। ଏଥିସହ ଚାଷଜମିରେ ଫସଲ ହୋଇ ପାରୁନାହିଁ। ଏଭଳି ଅଭାବନୀୟ ସମସ୍ୟା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ।

ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି କହିଛନ୍ତି, ପଞ୍ଚାୟତ ଦେଇ ଯାଇଥିବା ୮ନଂ. କେନାଲ ଶାଖା କେନାଲ ୮ (ଆଇ-୨) ବ୍ଲକ ଅଧୀନ ନୀଳକଣ୍ଠପୁରଠାରୁ ବାହାରି ଛଚିଣା, ବଳଭଦ୍ରପୁର ଗ୍ରାମ ଦେଇ ନୂଆହାଟ ପାଟ ଯାଏ ଯାଇଛି। ସେହିପରି ଏହି ୮ ଆଇ-୨ର ଅନ୍ୟ ଏକ ଶାଖା ଛଚିଣା, ଲକ୍ଷ୍ମୀନାରାୟଣପୁର ଦେଇ ତରଜଙ୍ଗା ପର୍ଯ୍ୟନ୍ତ ଯାଇଛି। ଜଳ ସମ୍ପଦ ବିଭାଗର କଟକ ନର୍ଥ ଡିଭିଜନ ଅଧୀନରେ ଥିବା କେନ୍ଦୁପାଟଣା ଉପଖଣ୍ଡସ୍ଥିତ କେନ୍ଦ୍ରାପଡ଼ା ମୁଖ୍ୟ କେନାଲରୁ ଯାଇଥିବା ୮ ନମ୍ବର କେନାଲର ଏହି ୨ ଶାଖା କେନାଲ ଅଞ୍ଚଳର ଚାଷୀଙ୍କ ପାଇଁ ସମସ୍ୟା ବଢ଼ାଇବାରେ ଲାଗିଛି। ମାତ୍ର ବିଗତ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ଶାଖା କେନାଲ ୨ଟିର ଶେଷମୁଣ୍ଡ ଯାଏ ପାଣି ଯାଉନାହିଁ। ଚାଷୀ ସରୋଜକାନ୍ତ ପଣ୍ଡା କହିଛନ୍ତି, ଏ ବିଷୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲାପାଳ, ସ୍ଥାନୀୟ ବିଧାୟକ ଓ ଜଳସମ୍ପଦ ବିଭାଗ ମନ୍ତ୍ରୀଙ୍କୁ ବାରମ୍ବାର ଚାଷୀମାନଙ୍କ ପକ୍ଷରୁ ଅଭିଯୋଗ କରାଯାଉଛି। ମାତ୍ର ଖରିଫ ଧାନଚାଷ ଓ ମୁଗ, ବିରି ଫସଲ ପାଇଁ କେନାଲ ଶେଷ ମୁଣ୍ଡରେ ଥିବା ବଳଭଦ୍ରପୁର, ନୂଆହାଟ, ଛଚିଣା, ଲକ୍ଷ୍ମୀନାରାୟଣପୁର ଓ ତରଜଙ୍ଗା ଗ୍ରାମର ଚାଷଜମି ଜଳସେଚନ ଅଭାବରୁ ଫସଲ ହେବା କଷ୍ଟକର ହୋଇପଡ଼ିଛି। ଏହି ଚାଷଜମି ନିମନ୍ତେ ପ୍ରତ୍ୟେକ ବର୍ଷ ଚାଷୀଙ୍କ ପକ୍ଷରୁ ଜଳକର ଦିଆଯାଉଛି। ହେଲେ ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ପାଇଁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡୁଛି। ଚାଷୀମାନଙ୍କ ଦ୍ୱାରା ଆନ୍ଦୋଳନ ମଧ୍ୟ ହୋଇସାରିଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହେବ ବୋଲି ପ୍ରଶାସନ ଓ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦିଆଯାଉଥିବା ପ୍ରତିଶ୍ରୁତି କେବଳ ପାଣିର ଗାର ସାଜିଛି। ଛଚିଣା ଗାଁର ଚାଷୀ ମୀର ସାବୋ କହିଛନ୍ତି, ପ୍ରତ୍ୟେକ ବର୍ଷ ଚାଷ ପୂର୍ବରୁ ଜଳ ସମ୍ପଦ ବିଭାଗ କେନାଲ ସଫେଇ ନାଁରେ ଲକ୍ଷାଧିକ ଟଙ୍କା ଲୁଟ୍ କରୁଥିଲେ ମଧ୍ୟ କେନାଲରେ ପାଣି ଆସିବା ନେଇ ଆଦୌ ଦୃଷ୍ଟି ନ ଦେବା ବିଭାଗର ଚାଷୀମାରଣ ନୀତିକୁ ପଦାରେ ପକାଇଛି। ସେହିପରି ଲକ୍ଷ୍ମୀନାରାୟଣପୁର ଗାଁର ଗୌରାଙ୍ଗ ସିଂହ, ତରଜଙ୍ଗା ଗାଁର ବୀରବର ପଣ୍ଡା, ନୂଆହାଟ ଗାଁର ନଟବର ବେହେରା ଓ ଛଚିଣା ଗାଁର ପ୍ରତାପ ଚନ୍ଦ୍ର ଭୂୟାଁ ପ୍ରମୁଖ କେନାଲରେ ପାଣି ଆସିବା ନେଇ ଜଳ ସମ୍ପଦ ବିଭାଗର କଟକ ନର୍ଥ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ, କେନ୍ଦୁପାଟଣା ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଅଚ୍ୟୁତପୁର ସେକ୍‌ସନର କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଆପତ୍ତି କରିଥିଲେ ମଧ୍ୟ ପଦକ୍ଷେପ ନ ନେବା ବିଭାଗର ବେଖାତିର ମନୋଭାବକୁ ଦର୍ଶାଉଛି ବୋଲି ଚାଷୀମାନେ କହିଛନ୍ତି। ତେବେ କେତେଜଣ ଚାଷଜମିରେ ପାଣି ପମ୍ପ ଯୋଗେ ପାଣି ମଡ଼ା ଯାଇ ବର୍ତ୍ତମାନ ରୁଆ ପୋତା କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। ନିଅଣ୍ଟିଆ ବର୍ଷା ସାଙ୍ଗକୁ କେନାଲରେ ପାଣି ନ ଆସିବା ଚାଷୀମାନଙ୍କ ମଧ୍ୟରେ ଭାଳେଣି ପଡିଛି। ତୁରନ୍ତ ଏହାର ସମାଧାନ ନ ହେଲେ ଅଞ୍ଚଳର ଚାଷୀମାନେ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ସରପଞ୍ଚ କାଣ୍ଡି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗର କଟକ ନର୍ଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାରଙ୍କୁ ପଚାରିବାରେ କେନାଲକୁ ଅନୁଧ୍ୟାନ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପଠାଯିବ। ରିପୋର୍ଟ ପାଇବା ପରେ ସେ ଯାହା କିଛି ପଦକ୍ଷେପ ନେବେ ବୋଲି କହିଛନ୍ତି।


ଲକ୍ଷ୍ମୀନାରାୟଣପୁରରେ ୮ ନଂ.(ଆଇ-୨) କେନାଲରେ ପାଣି ଶେଷ ମୁଣ୍ଡକୁ ଯାଉନାହିଁ।

# ୧୦ ବର୍ଷ ପରେ ପୁଣି ଗୋତିଶ୍ରମିକ ଚିହ୍ନଟକୁ ବିରୋଧ

- ଉପଜିଲାପାଳଙ୍କ ନିର୍ଦ୍ଦେଶକୁ ବିରୋଧ କଲା ଗୋତିଶ୍ରମିକ ସଙ୍ଗଠନ
- ଗୋତି ପ୍ରଥାରୁ ମୁକ୍ତି ପରେ କରାଯାଉନି ଥଇଥାନ
- ଚିହ୍ନଟ କଲେ, ମୁକ୍ତି ପ୍ରମାଣପତ୍ର ଦେଲେନି
- ମିଳିଥିବା ପ୍ରମାଣପତ୍ରକୁ ପ୍ରଶାସନ ରଦ୍ଦ ପରେ ବଢ଼ିଲା ଅସନ୍ତୋଷ
- ଗୋତି ଶ୍ରମିକ ଉଚ୍ଛେଦ ଆଇନ ଶୀତଳଭଣ୍ଡାରରେ

ନୟାଗଡ଼,୭।୮(ଲୋକନାଥ ମିଶ୍ର): ନୟାଗଡ଼ ଜିଲାରେ ଗୋତିଶ୍ରମିକ ଉପେକ୍ଷିତ ଓ ଅବହେଳିତ ହୋଇ ଅଭିଶପ୍ତ ଜୀବନଯାପନ କରୁଥିବା ଅଭିଯୋଗ ହୋଇ ଆସୁଛି । ଗୋତିପ୍ରଥାରୁ ମୁକ୍ତି ପରେ ବି ଥଇଥାନ କରାଯାଉନି। ଏପରି କି ଗୋତିଶ୍ରମିକ ଚିହ୍ନଟ କରିବି ପ୍ରମାଣପତ୍ର ଦିଆଯାଉନି । ସେହିପରି ପୂର୍ବରୁ ମିଳିଥିବା ଗୋତିଶ୍ରମିକ ପ୍ରମାଣପତ୍ରକୁ ରଦ୍ଦ କରାଯାଉଛି । ଗୋତି ଶ୍ରମିକଙ୍କୁ ଅଣଦେଖା ପ୍ରତିବାଦରେ ଗୋତି ଶ୍ରମିକମାନେ ବୁଧବାର ଉପଜିଲାପାଳ କର୍ଣ୍ଣଦେବ ସମାଦାରଙ୍କୁ ଭେଟି ସେମାନଙ୍କ ସମସ୍ୟା ଅବଗତ କରାଇଛନ୍ତି । ତେବେ ୨୦୧୪ରେ କରାଯାଇଥିବା ଗୋତିଶ୍ରମିକ ଚିହ୍ନଟ ପୁନର୍ବାର ୧୦ ବର୍ଷ ପରେ କରାଯିବାକୁ ଉପଜିଲାପାଳ କହିବା ପରେ ଗୋତିମୁକ୍ତି ଅନୁଷ୍ଠାନ ଏହାକୁ ନାପସନ୍ଦ କରି ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେବା ସହ କୋର୍ଟର ଦ୍ୱାରସ୍ଥ ହେବାକୁ ସ୍ଥିର ହୋଇଥିବା କହିଛନ୍ତି ।

ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲାରେ ୩ ହଜାରରୁ ଊର୍ଦ୍ଧ୍ୱ ରଜକ ଓ ବାରିକ ଅଛନ୍ତି । ଏଥିରୁ ଗୋତି ଶ୍ରମିକ ଉଚ୍ଛେଦ ଆଇନ ୧୯୭୬ ଅନୁସାରେ ବାରିକ ଓ ରଜକ ଜାତିର ବର୍ତନଗ୍ରାହୀ ଗୋତି ଶ୍ରମିକ ଚିହ୍ନଟ, ମୁକ୍ତି, ପ୍ରମାଣ ପତ୍ର ଓ ଥଇଥାନ ପାଇଁ ନୟାଗଡ଼ ଜିଲାପାଳଙ୍କ ପାଖରେ ୨୦୧୪ରେ ୩ ହଜାର ୫ ଶହ ଆବେଦନ ହୋଇଥିଲା । ଆବେଦନ ପରେ ଜିଲାପାଳ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ତଦନ୍ତ କରାଇ ରଣପୁର ବ୍ଲକର ୧୮୪, ଭାପୁର ବ୍ଲକର ୯୨, ଖଣ୍ଡପଡ଼ା ବ୍ଲକର ୧୬୫ ଜଣ ଏପରି ମୋଟ୍‌ରେ ୪୪୧ ଜଣଙ୍କୁ ମୁକ୍ତ କରିବାକୁ ଘୋଷଣା କରିଥିଲେ । ତେବେ ୪୪୧ ବର୍ତନଗ୍ରାହୀ ଗୋତି ଶ୍ରମିକଙ୍କ ମଧ୍ୟରୁ ରଣପୁରର ୨୦ ଜଣଙ୍କୁ ୨୦୧୬ରେ କେବଳ ପ୍ରମାଣପତ୍ର ମିଳିଥିଲା । ସେହିପରି ରଣପୁର ବ୍ଲକର ଅନ୍ୟ ୫ଜଣଙ୍କୁ ପ୍ରମାଣ ପତ୍ର ସହ ସହାୟତା ରାଶି ୫ ହଜାର ଟଙ୍କା ମିଳିଥିଲା । ବର୍ତନଗ୍ରାହୀ ଗୋତି ଶ୍ରମିକ ଚିହ୍ନଟ, ପ୍ରମାଣ ପତ୍ର ଓ ସରକାରୀ ସହାୟତା ଯୋଗାଇ ଦିଆଯିବବୋଲି କୁହାଯାଇଥିଲା । କିନ୍ତୁ ଦିଆ ଯାଇ ନ ଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ତଦନ୍ତ ଆଳରେ ୨୦୨୧ ମସିହାରେ ଜିଲାପାଳ ନିଜ କୋର୍ଟକୁ ଡାକି ପ୍ରମାଣ ପତ୍ର ଓ ସରକାରୀ ସହାୟତା ଦିଆଯାଇଥିବା ବର୍ତନଗ୍ରାହୀ ଗୋତି ଶ୍ରମିକଙ୍କୁ ଅସିଦ୍ଧ ଘୋଷଣା କରିଥିଲେ । ବର୍ତନଗ୍ରାହୀ ଗୋତି ଶ୍ରମିକମାନେ ଏହାର ପ୍ରତିବାଦ କରିବାରୁ ସୁଫଳ ମିଳିଲା ନାହିଁ । ଏଣୁ ବର୍ତନଗ୍ରାହୀ ଗୋତି ଶ୍ରମିକ ହାଇକୋର୍ଟର ଆଶ୍ରୟ ନେଇଥିଲେ ।

ଏନେଇ ଗୋତିମୁକ୍ତି ଆନ୍ଦୋଳନର ରାଜ୍ୟ ସଭାପତି ସୁରେଶ ସ୍ୱାଇଁ କୁହନ୍ତ,ବର୍ତନଗ୍ରାହୀ ଗୋତି ଶ୍ରମିକଙ୍କୁ ଜିଲାପାଳ ଅସିଦ୍ଧ ଘୋଷଣା କରିବା ପରେ ଗୋତିମୁକ୍ତି ଆନ୍ଦୋଳନ ତରଫରୁ ହାଇକୋର୍ଟରେ ଅଭିଯୋଗ କରାଯାଇଥିଲା । ବର୍ତନଗ୍ରାହୀ ଗୋତି ଶ୍ରମିକଙ୍କୁ ଅସିଦ୍ଧ ଘୋଷଣା ନ କରି ତୁରନ୍ତ ପ୍ରମାଣ ପତ୍ର ଓ ସରକାରୀ ସହାୟତା ଦେବାକୁ ହାଇକୋର୍ଟ ୧୬।୮।୨୦୨୧ରେ ରାୟ ଦେଇଥିଲେ । ହାଇକୋର୍ଟଙ୍କ ରାୟକୁ ଜିଲା ପ୍ରଶାସନ ଅଣଦେଖା କରି ପ୍ରସଙ୍ଗକୁ ଶୀତଳଭଣ୍ଡାରରେ ପକାଇ ରଖିଲା । ଏଣୁ ଗୋତି ଶ୍ରମିକ ଆନ୍ଦୋଳନ ତରଫରୁ କଂଟେପ୍ଟ କରାଯାଇଥିଲା । ହାଇକୋର୍ଟରେ କଂଟେପ୍ଟ ପରେ ମିସ୍ କେଶ ନଂ ୫/୨୦୨୨ରେ ଆବେଦନକାରିଣୀଙ୍କୁ କୋର୍ଟକୁ ଡକାଇ ହାଜରା ନେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପ୍ରଶାସନ ବର୍ତନଗ୍ରାହୀ ଗୋତି ଶ୍ରମିକଙ୍କୁ ଅଣଦେଖା କରିବାକୁ ୨୦୨୩ ଡିସେମ୍ବର ୨୯ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଚିହ୍ନଟ ହୋଇ ମୁକ୍ତି ପାଇଥିବା ଓ ପ୍ରମାଣ ପତ୍ର ପାଇଥିବା ଗୋତି ଶ୍ରମିକଙ୍କୁ କୋର୍ଟ ପରିସରରେ ନନସେନ୍ସ କହିବା ସହ ମୁକ୍ତି ଗୋତି ଶ୍ରମିକଙ୍କୁ ବେଆଇନ ଭାବେ ଗତ ଜୁଲାଇ ୨୬ରେ ବର୍ତ୍ତମାନର ଜିଲାପାଳ ପ୍ରତ୍ୟାଖାନ କରିଛନ୍ତି । ଏଭଳିସ୍ଥଳେ ଚିହ୍ନଟ ଗୋତି ଶ୍ରମିକଙ୍କୁ ମୁକ୍ତି, ପ୍ରମାଣପତ୍ର ଓ ଆର୍ଥିକ ସହାୟତା ତୁରନ୍ତ ଦେବା ପାଇଁ ସଙ୍ଗଠନ ତରଫରୁ ଦାବି କରାଯାଇଛି ।

ବୁଧବାର ଏନେଇ ଉପଜିଲାପାଳଙ୍କ ସହ ଆଲୋଚନା କରାଯାଇଥିଲା । ୨୦୧୪ ମସିହାରେ କରାଯାଇଥିବା ଗୋତିଶ୍ରମିକ ଚିହ୍ନଟ ପୁନର୍ବାର ୧୦ ବର୍ଷ ପରେ କରାଯିବାକୁ ଉପଜିଲାପାଳ କହିବା ପରେ ଗୋତିମୁକ୍ତି ଅନୁଷ୍ଠାନ ଏହାକୁ ନାପସନ୍ଦ କରି ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେବା ସହ କୋର୍ଟର ଦ୍ୱାରସ୍ଥ ହେବାକୁ ସ୍ଥିର ହୋଇଥିବା କହିଛନ୍ତି । ଗୋତିମୁକ୍ତି ଆନ୍ଦୋଳନର ଜିଲା ସଭାନେତ୍ରୀ ସଞ୍ଜୁକ୍ତା ସେଠୀ, ଚାପଧାରୀ ରାଉତ, କାଳନ୍ଦୀ ନାୟକ ଓ ଶରତ ସେଠୀ କୁହନ୍ତି ଆମ୍ଭେ ଗୋତି ଶ୍ରମିକ ହୋଇଥିଲେହେଁ ଆମ୍ଭ ଗାଁରେ ଛୁଆଁ ଅଛୁଆ ଭେଦଭାବ ଲାଗି ରହିଛି । ଆମେ ବର୍ଷକୁ ଧାନ ବର୍ତନ ନେଇ ବିବାହ, ବ୍ରତ, ଶୁଦ୍ଧ କାର୍ଯ୍ୟ ସହ ବିଭିନ୍ନ କାର୍ଯ୍ୟରେ ଗୋତି ଶ୍ରମିକ ଭାବେ କାମ କରି ଆସୁଛୁ । ଆମ ଗାଁର ବାରିକ ଜାତିର ଲୋକ ମଧ୍ୟ ଚୁଟି, ଦାଢ଼ି କାଟି ଅନୁରୂପ ସେବା ଦେଇ ଆସୁଛନ୍ତି । ଜିଲାରେ ଗୋତି ଶ୍ରମିକ ପ୍ରଥା ରହିଛି । ହେଲେ ଜିଲାପାଳ କହୁଛନ୍ତି, ଜିଲାରେ ଗୋତି ଶମିକ ନାହାନ୍ତି । ତେବେ ଶୁଦ୍ଧ ଘରେ କିଏ ପୋଖରୀ ତୋଠରେ ଚୁଟି ଓ ଦାଢ଼ି, ନଖ କାଟୁଛି । କିଏ ଲୁଗା ସଫା କରି ଲୋକଙ୍କୁ ଦେଉଛି ।


ଉପଜିଲ୍ଲାପାଳଙ୍କ ସହ ଗୋତିମୁକ୍ତି ଅନୁଷ୍ଠାନର କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଦିଗପହଣ୍ଡି,୭।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଏନ୍‌ଏସି ସମ୍ମିଳନୀ କକ୍ଷରେ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣଙ୍କ ସଂଯୋଜନା ଏବଂ ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କାଉନସିଲର ସୁନିଲ କୁମାର ପଣ୍ଡା ଓ ପ୍ରତିନିଧି ରମେଶ ଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ଅଙ୍ଗନୱାଡି ଶିଶୁଙ୍କଠାରୁ ଆରମ୍ଭ କରି ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲ ଓ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ନିଆଯିବା ସହ ପୂର୍ବବର୍ଷ ଗୁଡ଼ିକ ଭଳି ଚଳିତ ବର୍ଷ ମଧ ପତାକା ଉତ୍ତୋଳନ, ପୁରସ୍କାର ବଣ୍ଟନ ଆଦି ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ସଂଘର ପୂର୍ବତନ ସଭାପତି ହରିକୃଷ୍ଣ ପଣ୍ଡା, ଜନାର୍ଦ୍ଦନ ପଣ୍ଡା, ଶୁକ୍ଳ ସେଠୀ, କାଳୁ ଚରଣ ପାଣିଗ୍ରାହୀ, ସୁବାସ ଚନ୍ଦ୍ର ପାଢ଼ୀ, ଡ. ଅସିତ କୁମାର ଷଡ଼ଙ୍ଗୀ, ବାବୁଲା ପଣ୍ଡା, ପ୍ରମୋଦ କୁମାର ରାଉତ, ଗୀତାଞ୍ଜଳି ପ୍ରଧାନ, ସୁଷମା ଗୌଡ଼, କବିତା ନନ୍ଦ, ପ୍ରିୟଙ୍କା ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡି କର୍ମୀ ଓ ସମସ୍ତ ଏନ୍‌ଏସି କର୍ମଚାରୀ ଉପସ୍ଥିତ ଥିଲେ।

# ଆରଆଇଙ୍କ କାର୍ଯ୍ୟାଳୟ ପରିସରରେ ବର୍ଷାପାଣି


ଖଣ୍ଡପଡ଼ା,୭।୮ (ଅଜୟ କୁମାର ମହାରଣା)

ନୀଳମାଧବ ବିକାଶ ପ୍ରକଳ୍ପ ମଧ୍ୟରେ ସଂପ୍ରତି ମାଘମେଳା ପଡିଆ ପରିସରକୁ ସିମେଣ୍ଟ କଂକ୍ରିଟକରଣ କରାଯାଇ ପାର୍କିଂର ବ୍ୟବସ୍ଥା କରାଯାଇଛି । ମାତ୍ର ବିକାଶ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ବଂଶଲ କମ୍ପାନୀର ଅଦୂରଦର୍ଶିତା ଯୋଗୁ ଖଣ୍ଡପଡ଼ା ତହସିଲ ଅଧୀନ କଣ୍ଟିଲୋ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଜମି ରହି ସମସ୍ୟା ସୃଷ୍ଟି ହୋଇଛି । ପ୍ରତ୍ୟେହ ବିଭିନ୍ନ କାର୍ଯ୍ୟରେ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟକୁ ଆସୁଥିବା ଶତାଧିକ ଛାତ୍ରୀଛାତ୍ର ଓ ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି କାର୍ଯ୍ୟାଳୟ ପରିସରରେ ଜମି ରହିଥିବା ପାଣି ଯୋଗୁ ଚଟାଣରେ ଶିଉଳି ସୃଷ୍ଟି ହୋଇ ଯାତାୟତ ସମୟରେ ଗୋଡ ଖସିଯାଇ ବିପଦ ସୃଷ୍ଟି କରୁଛି ।

ସୂଚନାଯୋଗ୍ୟ, କଣ୍ଟିଲୋ ଫାଣ୍ଡି ପାର୍ଶ୍ୱରେ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ରହିଛି । ବର୍ଷା ସମୟରେ ସଂପୃକ୍ତ କାର୍ଯ୍ୟାଳୟ ପରିସରରୁ ବର୍ଷା ପାଣି କାର୍ଯ୍ୟାଳୟର ପଶ୍ଚିମ ପାର୍ଶ୍ୱ ଦେଇ ମାଘମେଳା ପଡ଼ିଆ ଯାହାକି ବର୍ତ୍ତମାନ ନୀଳମାଧବ ବିକାଶ ପ୍ରକଳ୍ପରେ ସାମିଲ ହୋଇ ବିଭିନ୍ନ ଯାନବାହନ ପାର୍କିଂ ପାଇଁ ସଂରକ୍ଷିତ ରହିଛି । ଏହି ପାର୍କିଂ କାର୍ଯ୍ୟ କରିବା ସମୟରେ ଠିକାଦାର ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ପରିସରରୁ ପାଣି ନିଷ୍କାସନ ନିମନ୍ତେ ୩ ଇଞ୍ଚିଆ ପାଇପ ପକାଇଛନ୍ତି, ଯାହାକି କାର୍ଯ୍ୟାଳୟ ପରିସରରୁ ବର୍ଷା ପାଣି ନିଷ୍କାସନ କରିବା ସମ୍ଭବ ହେଉନାହିଁ ବୋଲି ରାଜସ୍ୱ ନୀରିକ୍ଷିକା ପଙ୍କଜିନୀ ମାଝି କହିଛନ୍ତି । ତେବେ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ଦାୟିତ୍ୱରେ ଥିବା ଯନ୍ତ୍ରୀ ଇଂ,ପ୍ରସନ୍ନ କୁମାର ବଳବନ୍ତରାୟଙ୍କ ସହ ଯୋଗାଯୋଗ କରିବାରେ ଗୁରୁବାର ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।

# ସ୍ୱାଧୀନତା ଦିବସ ଉପଲକ୍ଷେ ମଣ୍ଡଳସ୍ତରୀୟ ପ୍ରତିଯୋଗିତା


ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି ।

ରଣପୁର,୭।୮(ସୁକାନ୍ତ କିଶୋର ଡାକୁଆ): ସ୍ୱାଧୀନତା ଦିବସ ପାଇଁ ରଣପୁର ଶିକ୍ଷା ବିଭାଗ ତରଫରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା, ଇଂରାଜୀ ବକ୍ତୃତା, ଓଡ଼ିଆ ପ୍ରବନ୍ଧ, ଇଂରାଜୀ ପ୍ରବନ୍ଧ, ଚିତ୍ରାଙ୍କନ, ଦେଶାତ୍ମକବୋଧ ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ପରେ ବୁଧବାର ମଣ୍ଡଳସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ରଣପୁର ବ୍ଲକ ନରସିଂହପୁର କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଓ ନରସିଂହପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋଦାବରୀ ନାୟକଙ୍କ ସହଯୋଗରେ ନରସିଂହପୁର କ୍ଲଷ୍ଟରରେ ମଣ୍ଡଳସ୍ତରୀୟ ପ୍ରତିଯୋଗିତା ନରସିଂହପୁର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସରକାରୀ ଓ ବେସରକାରୀ ସମସ୍ତ ବିଦ୍ୟାଳୟ ଯୋଗ ଦେଇଥିଲେ । ମଣ୍ଡଳସ୍ତରରେ ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଚୟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ମାଗିରାମ ମିଶ୍ର ପରିଚାଳନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଫକୀର ଚରଣ ନାୟକ, ପ୍ରଶାନ୍ତ କୁମାର ରଥ, ବରିଷ୍ଠ ଶିକ୍ଷକ ପୁଷ୍କର ପ୍ରଧାନ, ନୀଳାଦ୍ରି ସୁବୁଦ୍ଧି, ଶିକ୍ଷୟିତ୍ରୀ ମଧୁଛନ୍ଦା ମହାନ୍ତି, ବିଜୟ କୁମାର ଚମ୍ପତି ପ୍ରମୁଖ ମୂଲ୍ୟାୟନରେ ସହଯୋଗ କରିଥିଲେ |

ସେହିପରି ଗୌରାଙ୍ଗପୁର କ୍ଲଷ୍ଟରରେ ସାଧନ କେନ୍ଦ୍ର ସଂଯୋଜକ ସୁଧାକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଯଦୁପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମିଶ୍ର ଓ ଜୟ ମା'ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବ୍ରଜ କିଶୋର ପ୍ରଧାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଅତିଥି ଭାବେ ଗ୍ରାମ ସଭାପତି ରଙ୍ଗନାଥ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଙ୍ଗନାଥ ନାୟକ, ସୁକାନ୍ତ କୁମାର ରାୟସିଂହ, ନରସିଂହପୁର କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣା, ବରିଷ୍ଠ ଶିକ୍ଷକ ପବିତ୍ର ପ୍ରଧାନପ୍ରମୁଖ ଯୋଗ ଦେଇଥିଲେ । ଅଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷ ଓ ଯଦୁପୁର ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ ।

# ଶ୍ରବଣ ବାଧିତ ଭିନ୍ନକ୍ଷମଙ୍କୁ ଶ୍ରବଣଯନ୍ତ୍ର ବଣ୍ଟନ

ଖଣ୍ଡପଡ଼ା,୭।୮(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନରେ ଭାରତ ସରକାରଙ୍କ ସାମାଜିକ ସଶକ୍ତିକରଣ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଓ ବ୍ଲକ ପ୍ରଶାସନ ସହାୟତାରେ ଶ୍ରବଣ ବାଧିତ ଭିନ୍ନକ୍ଷମମାନଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମଣ୍ଡଳ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଉପମା ବେହେରା ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଜିଲାର ୫ଜଣ ଅଡିଓଲୋଜିଷ୍ଟ ନୱାଜ ସରିଫ୍, ପଲ୍ଲବୀ ବଡପଣ୍ଡା, ଲକ୍ଷ୍ମୀପ୍ରିୟା ମଲିକ, ନିଷ୍ଠା ରଞ୍ଜନ ଦାଶ ଉପସ୍ଥିତ ରହି ଶ୍ରବଣ ବାଧିତ ବ୍ୟକ୍ତିଙ୍କୁ ପରୀକ୍ଷା କରିଥିଲେ । ଖଣ୍ଡପଡ଼ା ବ୍ଲକର ୧୧ଟି ପଞ୍ଚାୟତର ୬୪ ଜଣ ପଞ୍ଜିକୃତ ଶ୍ରବଣ ବାଧିତଙ୍କ ମଧ୍ୟରୁ ୬୩ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । ଡ଼ାକ୍ତର ପରୀକ୍ଷା କରିବା ପରେ ସେମାନଙ୍କୁ ମାଗଣାରେ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିଲା । ଗୁରୁବାର ଏହି ଶିବିର ଉଦ୍‌ଯାପିତ ହେବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।


ଶ୍ରବଣଯନ୍ତ୍ର ବଣ୍ଟନ ଶିବିରରେ ଯୋଗ ଦେଇଥିବା ଅତିଥି ।

## ସ୍କୁଲ ରୋଡ୍‌ରେ ଜମୁଛି ବର୍ଷା, ଆବର୍ଜନା ପାଣି

ବୁଗୁଡ଼ା,୭।୮(କାଳିଚରଣ ଦାଶ)

ବୁଗୁଡା ବ୍ଲକ ବିରଞ୍ଚିପୁର ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ବର୍ଷା ଓ ଆବର୍ଜନା ପାଣି ଜମି ରହୁଥିବାରୁ ବିଦ୍ୟାଳୟକୁ ଯିବାଆସିବାରେ ଅସୁବିଧା ହେଉଛି। ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଦିନେ ବର୍ଷା ହେଲେ ଅନେକ ଦିନ ଯାଏ ସେଠାରେ ପାଣି ଜମି ରହି ଦୁର୍ଗନ୍ଧ ହେଉଛି। ରାସ୍ତା କଡ଼ରେ ଯାଇଥିବା ଡ୍ରେନ୍‌ଟି ପୋତି ହୋଇଯାଇଥିବାରୁ ବର୍ଷା ପାଣି ନିଷ୍କାସନ ହୋଇନପାରି ଏଭଳି ସମସ୍ୟା ସୃଷ୍ଟି ହେଉଛି।

# ବର୍ଷା ପାଇଁ ଋଷ୍ୟଶୃଙ୍ଗ ଋଷିଙ୍କ ଶରଣରେ ପୂଜାର୍ଚ୍ଚନା

ଓଡ଼ଗାଁ,୭।୮(ଆଦର୍ଶ କୁମାର ପଟ୍ଟନାୟକ ):

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପନ୍ତୀଖାରି ପଞ୍ଚାୟତ ପନ୍ତୀଖାରି ଗ୍ରାମରେ ବୁଧବାର ବର୍ଷା ନିମନ୍ତେ ଋଷ୍ୟଶୃଙ୍ଗ ଋଷିଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା ହୋମଯଜ୍ଞ ସମସ୍ତ ଗ୍ରାମବାସୀ ପ୍ରାର୍ଥନା କରିଥିଲେ । ଜୁଲାଇ ଯାଇ ଅଗଷ୍ଟ ୭ ତାରିଖ ହେଲାଣି, ଶ୍ରାବଣରେ ଗୋଟିଏ ପରେ ଗୋଟିଏ ଲଘୁଚାପ ଆସି ଚାଲିଯାଇଛି । ହେଲେ ଓଡ଼ଗାଁ ବ୍ଲକର ଓଡ଼ଗାଁ ଏନଏସି ସହିତ ୧୧ ପଞ୍ଚାୟତରେ ବର୍ଷାଭାବ କାରଣରୁ ରୁଆ ଓ ବେଉଷଣ କାର୍ଯ୍ୟ ହେଇପାରୁନାହିଁ । ସୋମବାରଠାରୁ ବୁଧବାର ମଧ୍ୟରେ ଏକାଧିକ ବାର ଝିପିଝିପି ବର୍ଷା ହୋଇଥିଲେ ମଧ୍ୟ ଜମିକୁ କାଦୁଅ କରିବା ପାଇଁ ପାଣି ନିଅଣ୍ଟ ପଡୁଥିବାରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଏହି ପରିପ୍ରେକ୍ଷୀରେ ଧାନ କ୍ଷେତ ପାଇଁ ବର୍ଷା ନିମନ୍ତେ ଋଷ୍ୟଶୃଙ୍ଗ ଋଷିଙ୍କୁ ଆବାହନ ପୂର୍ବକ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରାଯାଇଥିଲା । ରାମାୟଣର ଆଦ୍ୟ କାଣ୍ଡ ଯେଉଁଥିରେ ଋଷି ଋଷିଶୃଙ୍ଗଙ୍କ ମହିମା ବର୍ଣ୍ଣନା କରାଯାଇଯାଛି, ସେହି ଅଧ୍ୟାୟ ପାଠ କରାଯାଇଥିଲା। ପଣ୍ଡିତ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ପରାମର୍ଶ ଅନୁସାରେ ଶାନ୍ତନୁ କୁମାର ଦାଶ, ଗୋଦାବରୀଶ ହୋତା, ଲଡୁ କିଶୋର ରଥ, ଲିଙ୍ଗରାଜ ହୋତା, ପ୍ରଦୀପ ଦାଶ, ଅଶୋକ ଷଡ଼ଙ୍ଗୀ ପ୍ରମୁଖ ବୈଦିକ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଜୟନ୍ତ କୁମାର ଦାଶ ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।


ବର୍ଷା ପାଇଁ ପୂଜାର୍ଚ୍ଚନା ଚାଲିଛି ।

# ଅଧକ୍ଷାଙ୍କ ବିରୋଧୀ ଅଭିଯୋଗର ତଦନ୍ତ କଲେ ଉପଜିଲାପାଳ

## ଗଣିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ନୟାଗଡ଼,୭।୮(ଲୋକନାଥ ମିଶ୍ର):

ଗଣିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବିରୋଧରେ ଆସିଥିବା ଅର୍ଥ ଆତ୍ମସାତ, ଅସତ୍ ବ୍ୟବହାର, ବେନିୟମ କାର୍ଯ୍ୟକଳାପ ଓ କର୍ମଚାରୀ ନିର୍ଯାତନା ଘଟଣାର ତଦନ୍ତ କରି ଉପଜିଲାପାଳ ଫେରିଛନ୍ତି । ଏହାର ତଦନ୍ତ କରିବାକୁ ଗଣିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକମାନେ ହାୟର ସେକେଣ୍ଡାରୀ ଏଡୁକେଶନର ନିର୍ଦ୍ଦେଶକ, ଜିଲାପାଳ ଓ ଉପଜିଲାପାଳଙ୍କୁ ଅବଗତ କରାଇଥିଲେ ।

ଅଭିଯୋଗ ଅନୁଯାୟୀ, ଗଣିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୫୦ ଛାତ୍ରୀଛାତ୍ର ପଢ଼ନ୍ତି । ତେବେ ଅଧକ୍ଷାଙ୍କ ଶଲିଳା ସେଠୀଙ୍କ ମନୋମୁଖୀ କାର୍ଯ୍ୟକଳାପ ଯୋଗୁ ଶିକ୍ଷା ବାତାବରଣ ନଷ୍ଟ ହୋଇ ଚାଲିଛି । ଅଧକ୍ଷ ଦାୟିତ୍ୱ ନେବା ପରେ ପ୍ରାୟ ୫ମାସ ହେଲା ଅଫିସ କାର୍ଯ୍ୟରେ ବ୍ୟସ୍ତତା ଦେଖାଇ ଇଂଲିଶ ବିଷୟ ଛାତ୍ରୀଛାତ୍ରଙ୍କୁ ପଢ଼ାଉନାହାନ୍ତି । ପୁଣି ଗଣିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗଚ୍ଛିତ ଥିବା ୬୨ ହଜାର ଟଙ୍କାକୁ ଆତ୍ମସାତ୍ କରିବା ଉଦ୍ଦେଶ୍ୟରେ କ୍ୟାସ ବୁକ୍ ଓ ପାସ୍ ବୁକ୍‌କୁ ହେଡକ୍ଲର୍କଙ୍କଠାରୁ ଧମକଚମକ ଦେଇ ଆଣି ନିଜ ପାଖରେ ରଖିଛନ୍ତି। ଡିଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟରେ ଭୁବନେଶ୍ୱର ଯାଇଥିବାବେଳେ ଆଲମାରୀ ଭାଙ୍ଗି ନୂଆ ତାଲା ପକାଇଛନ୍ତି। ପ୍ରତିବାଦ କରିବାରୁ କର୍ମଚାରୀଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ ହୋଇଛି । ସେହିପରି ମ୍ୟାନେଜମେଣ୍ଟ କର୍ମଚାରୀ, ଅତିଥି କର୍ମଚାରୀଙ୍କୁ ଦରମା ଦେଉ ନାହାନ୍ତି । ଦରମା ନ ଦେବାର କାରଣ ପଚାରିଲେ ଅର୍ଥର ଅଭାବ ଦେଖାଉଛନ୍ତି । ଅନ୍ୟପଟେ ଅର୍ଥର ଅଭାବ ଥିବାବେଳେ ପୁରୁଣା ସିସିଟିଭିକୁ ହଟାଇ ନୂଆ ସସିଟିଭି ଲଗା ଯାଇଛି । ପୁଣି କଲେଜ ପାଇଁ ନୂଆ କମ୍ପ୍ୟୁଟର କିଣାଯାଇଛି। ସାଧାରଣ କଥାରେ ଦରମା ବନ୍ଦ କରିବା, ଚାକିରିରୁ ବିଦା କରିବା ପରି ଧମକ କର୍ମଚାରୀଙ୍କୁ ଦିଆଯାଉଛି । ପୁଣି ସେ ଏକ କୋଚିଂ ସେଣ୍ଟର ଚଳାଉଥିବାବେଳେ ପରୀକ୍ଷାର ସମୟ ନିର୍ଘଣ୍ଟକୁ ବଦଳାଇଛନ୍ତି । ଦଳିତ ମହିଳା ହୋଇଥିବାରୁ ଜାତିଆଣ ଆକ୍ଷେପର ଅଭିଯୋଗ ଲଗାଇ ହଇରାଣ କରିବାକୁ ଧମକ ଦିଆଯିବା ପରି ଅଭିଯୋଗ ରହିଛି ।

ଏନେଇ ଅଧକ୍ଷାଙ୍କ ଶଲିଳା ସେଠୀ କୁହନ୍ତି,୧୯୯୨ରୁ ୨୦୧୬ ପର୍ଯ୍ୟନ୍ତ ଇପିଏଫ୍ ଟଙ୍କାର ଅଡୁଆ ସମାଧାନ କରିବା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସପ୍ତାହକୁ ୬ ଦିନ ଆସିବାକୁ ବାଧ୍ୟ କରିବା , ପାଠପଢ଼ା ଠିକରେ କରାଇବା ପରି ନୀତି ଲାଗୁ ପରେ ମୋର କର୍ମଚାରୀମାନେ ମୋତେ ହଇରାଣ କରିବାକୁ ଫନ୍ଦି ଫିକର କରିଚାଲିଛନ୍ତି । ମୁଁ ଗତ ଜାନୁଆରୀ ମାସରେ କାର୍ଯ୍ୟରେ ଯୋଗ ଦେଇଥିବାବେଳେ ମାର୍ଚ୍ଚ ମାସରେ ଅଧକ୍ଷା ଦାୟିତ୍ୱରେ ଅଛି । ପ୍ରାୟ ୫ମାସରୁ ଊର୍ଦ୍ଧ୍ୱ ସମୟ ଭିତରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉନ୍ନତି ପାଇଁ ଚିନ୍ତା କରିବା ମୋ ପାଇଁ ଭୁଲ ହୋଇଛି ବୋଲି ମୁଁ ଭାବୁଛି । ମୋ ବିରୋଧରେ ଆସିଥିବା ଅଭିଯୋଗର ସତ୍ୟତା ନ ଥିବାବେଳେ ମୁଁ ଠିକରେ ଅଛି । ସବୁ ପ୍ରକାରର ତଦନ୍ତକୁ ମୁଁ ସ୍ୱାଗତ କରୁଛି । ଯାହା ଖର୍ଚ୍ଚ ହୋଇଛି ସରକାରୀ ନୀତି ନିୟମ ଭିତରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଜାଣତରେ ହୋଇଛି । ପୁରୁଣା ସିସିଟିଭି କାମ କରୁ ନ ଥିବାବେଳେ ନୂଆ ସିସିଟିଭି ଲଗାଇବା ପରେ କର୍ମଚାରୀଙ୍କ ଠକାମି ଧରାପଡି ଯାଉଛି । ସବୁ ଦିନ ଆସି ପାଠପଢ଼ାଇବା କଷ୍ଟ ହେଉଥିବାରୁ ମୋତେ ବଦନାମ କରାଯିବାକୁ ଉଦ୍ୟମ ଚାଲିଛି । ମୋତେ ଜାତିଆଣ ଆକ୍ଷେପ କରାଯିବା ସହ ମୋତେ କନିଷ୍ଠ ଦର୍ଶାଇ ଅପମାନିତ କରାଯାଉଛି । ତଦନ୍ତ ସମୟରେ ଯାହା ସତ ତାହା ମୁଁ କହିଛି । ମୁଁ ଅଭିଯୋଗ କରିବା ବଦଳରେ ସେମାନେ ମୋ ବିରୋଧରେ ଅଭିଯୋଗ ଆଣି ମୋତେ ଫସାଇବାକୁ ଲାଗି ପଡିଛନ୍ତି ବୋଲି ସେ କହିଛନ୍ତି ।

# ତଟ ମୁକୁଳା, ଅସୁରକ୍ଷିତ ଉପକୂଳ ଓଡ଼ିଶା

■ ଜଗତ୍‌ସିଂହପୁରରେ ୩ ସାମୁଦ୍ରିକ ଥାନା ଅଛି, କର୍ମଚାରୀ ନାହାନ୍ତି

■ ପାରାଦୀପରେ ୪ ପାଟ୍ରୋଲିଂ ବୋଟ୍‌ରୁ ୨ ଖରାପ



ଅଚଳ ହୋଇପଡ଼ିଥିବା ପାଟ୍ରୋଲିଂ ବୋଟ୍।

ପାରାଦୀପ, ୭।୮ (ଶରତ ରାଉତ)

ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଯୋଗୁ ସେଠାକାର ନାଗରିକ ଉପକୂଳ ସୀମା ଦେଇ ଭାରତର ଓଡ଼ିଶା ଓ ପଶ୍ଚିମବଙ୍ଗ ରାଜ୍ୟରେ ପ୍ରବେଶ କରିପାରନ୍ତି। ପୂର୍ବରୁ ଉପକୂଳ ଓଡ଼ିଶାରେ ବାଂଲାଦେଶ ନାଗରିକମାନେ ଅବାଧରେ ସେମାନଙ୍କ କାୟା ବିସ୍ତାର କରି ସାରିଛନ୍ତି। ପରବର୍ତ୍ତୀ ସମୟରେ ସରକାରୀ କଳର ଗଳିବାଟ ଦେଇ ନିଜକୁ ଭାରତୀୟ ବୋଲି ଯାବତୀୟ ପ୍ରମାଣପତ୍ର ହାସଲ କରିଛନ୍ତି। ଓଡ଼ିଶା ଉପକୂଳର ୪୮୨ କିମି ତଟ ମୁକୁଳା ପଡିଛି। ଜଗତ୍‌ସିଂହପୁର ଜିଲାରେ ୫୮ କିମି ସମୁଦ୍ର ସୀମା ଏବେ ଅସୁରକ୍ଷିତ ହୋଇପଡ଼ିଛି। କାରଣ ବାଂଲାଦେଶ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁଦିନ ଜିଲାରେ ବୃଦ୍ଧି ପାଇବାରେ ଲାଗିଛି। ଅପରପକ୍ଷେ ସରକାର ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ରୋକିବା ଏବଂ ଉପକୂଳରେ ଆପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ପାଇଁ ମେରାଇନ୍ ପୋଲିସ ବ୍ୟବସ୍ଥା କରାଯାଇଛି। ୨୦୦୯ ମାର୍ଚ୍ଚରୁ ପାରାଦୀପରେ ପ୍ରଥମେ ମେରାଇନ୍ ଥାନା ହୋଇଥିଲେ ହେଁ ଏପର୍ଯ୍ୟନ୍ତ ତାହା କେବଳ ଓଡ଼ିଶା ପୋଲିସ ସେବାଭଳି କାର୍ଯ୍ୟ କରୁଛି। ଜଗତ୍‌ସିଂହପୁର ଜିଲାରେ ପାରାଦୀପ, ଜଟାଧାର ମୁହାଣ ଓ ବାଲିକୁଦା ବ୍ଲକର ବନ୍ଦରଠାରେ ୩ ସାମୁଦ୍ରିକ ଥାନା ରହିଛି। ସାମୁଦ୍ରିକ ଥାନା ପୋଲିସ ପାଇଁ ଆବଶ୍ୟକ ଭିତ୍ତିଭୂମି, ସାମୁଦ୍ରିକ ପାଟ୍ରୋଲିଂ କଳାଭଳି କର୍ମଚାରୀ, ପାଟ୍ରୋଲିଂ ବୋଟ୍, ବୋଟ୍ ରହିବାକୁ ବର୍ଥ ଆଦି ସଂଶାଧନ ହୋଇନାହିଁ। ପାରାଦୀପରେ ସାମୁଦ୍ରିକ ଥାନାର ଥିବା ୪ଟି ପାଟ୍ରୋଲିଂ ବୋଟ୍ ମଧ୍ୟରେ ୨ଟି ଖରାପ ହୋଇ ପଡ଼ିଛି।

୨୬।୧୧।୨୦୦୮ରେ ଉପକୂଳ ସୀମା ଦେଇ ପାକିସ୍ତାନ ଆତଙ୍କବାଦୀମାନେ ବମ୍ବେ ଆକ୍ରମଣ କରିଥିଲେ। ତା'ପରଠାରୁ ସୁରକ୍ଷା ସଂସ୍ଥା ମଧ୍ୟରେ ସମନ୍ୱୟ ରଖିବାକୁ ବର୍ଷକୁ ୨ଥର ଉପକୂଳ ସମରାଭ୍ୟାସ କରାଯାଉଛି। ଓଡ଼ିଶାର ୪୮୨ କି.ମି. ଉପକୂଳ ଜଗିବାକୁ ସମୁଦ୍ର ସୀମାରେ ୧୮ ସାମୁଦ୍ରିକ ଥାନା କରିବାକୁ କେନ୍ଦ୍ର ସରକାର ଘୋଷଣା କରିଥିଲେ। ୨୦୦୯ ମାର୍ଚ୍ଚରେ ସାମୁଦ୍ରିକ ଥାନା ପାରାଦୀପ ନେହେରୁ ବଙ୍ଗଳାଠାରେ ହୋଇଥିଲା। ପରେ ଅନ୍ୟ ଜିଲାରେ ହୋଇଥିଲା। ଶେଷ ୧୮ତମ ଜଟାଧାର ମୁହାଣ ସାମୁଦ୍ରିକ ଥାନା ମଧ୍ୟ ପାରାଦୀପରେ ୨୦୧୮ରେ ହୋଇଛି। ଜଟାଧାର ମୁହାଣ ସାମୁଦ୍ରିକ ଥାନା ପାଇଁ ମୂଳ ଜାଗା ଏରସମା ବ୍ଲକ ନୂଆଗାଁ ପଞ୍ଚାୟତ ନୋଳିଆସାହିଠାରେ ଚିହ୍ନଟ ସହ ଥାନା ନିର୍ମାଣ ସରିଛି। କିନ୍ତୁ ଏପର୍ଯ୍ୟନ୍ତ ସେଠାରେ ଥାନା କାର୍ଯ୍ୟ ହୋଇନାହିଁ। ବର୍ତ୍ତମାନ ଉକ୍ତ ଥାନା ପାରାଦୀପ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମ ରାସ୍ତାର ବନ୍ଦର କ୍ୱାର୍ଟରରେ ଚାଲିଛି। ଉକ୍ତ ଥାନାର ପାଟ୍ରୋଲିଂ ବୋଟ୍ କିମ୍ବା ସମୁଦ୍ରରେ ପହଁରିବା ଭଳି ସାମର୍ଥ୍ୟ ଥିବା କର୍ମଚାରୀ ନାହାନ୍ତି। ସେହିପରି ୨୦୦୯ରୁ ନେହେରୁ ବଙ୍ଗଳା ସାମୁଦ୍ରିକ ଥାନା ହୋଇଥିଲେ ହେଁ ସେଠାରେ ମଧ୍ୟ ପୂର୍ଣ୍ଣାଙ୍ଗ ଭିତ୍ତିଭୂମି ନାହିଁ। ଗୋଟିଏ ସାମୁଦ୍ରିକ ଥାନା ପାଇଁ ଜଣେ ଇନ୍ସପେକ୍ଟର, ୧୨ ଏସ୍ଆଇ, ୧୬ ଏଏସ୍ଆଇଙ୍କ ସମେତ ୮୨ଜଣ କର୍ମଚାରୀ ଆବଶ୍ୟକ। ସେଥିରେ ପ୍ରମୁଖ କର୍ମଚାରୀ ହେଲେ ପାଟ୍ରୋଲିଂ ପାଇଁ ଅଭିଜ୍ଞ ଅବସରପ୍ରାପ୍ତ ନୌସେନା ଓ କୋଷ୍ଟଗାର୍ଡ କର୍ମଚାରୀ। ସେପରି କର୍ମଚାରୀ ଓ ଭିତ୍ତିଭୂମି ଥିଲା ଭଳି ସାମୁଦ୍ରିକ ଥାନା ଓଡ଼ିଶାରେ ନାହିଁ ବୋଲି ଜଣୈକ ପୋଲିସ ଅଫିସର ନାମ ଗୋପନ ସର୍ତ୍ତରେ କହିଛନ୍ତି। ଏବେ ପାରାଦୀପରେ ଯେଉଁ ୨ଟି ପାଟ୍ରୋଲିଂ ବୋଟ୍ ପାଣିରେ ଭାସମାନ ଅବସ୍ଥାରେ ଅଛି, ତାହା କାମରେ ଲାଗୁନାହିଁ। ମହାନଦୀ ମୁହାଣ ପାଖକୁ ଯିବାର କ୍ଷମତା ନାହିଁ। କେବଳ ଅଫିସର କିମ୍ବା ଅନ୍ୟ ଅତିଥିମାନଙ୍କୁ ମାଛଧରା ବନ୍ଦର ପୋତାଶ୍ରୟ ମଧ୍ୟରେ ଭ୍ରମଣ ବେଳେ କାମରେ ଲାଗୁଛି।

୧୯୭୧ରେ ପାକିସ୍ତାନଠାରୁ ବାଂଲାଦେଶ ଅଲଗା ହୋଇଥିଲା। ସେହି ଆଧାରରେ ଭାରତ ସରକାର ଘୋଷଣା କରିଥିଲେ ୧୯୭୧ ମାର୍ଚ୍ଚ ୨୫ ପରେ ଯେଉଁ ବାଂଲାଦେଶ ଲୋକ ଭାରତରେ ଆଶ୍ରୟ ନେଇଛନ୍ତି, ସେମାନଙ୍କୁ ଅନୁପ୍ରବେଶକାରୀ କୁହାଯିବ। ୨୦୧୫ ମାର୍ଚ୍ଚ ୩୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ଓଡ଼ିଶାରେ ୩,୯୯୭ ବାଂଲାଦେଶ ନାଗରିକ ରହିଛନ୍ତି ବୋଲି କହିଥିଲେ। ସେମାନଙ୍କ ମଧ୍ୟରୁ ଜଗତ୍‌ସିଂହପୁର ଜିଲାରେ ୧,୧୧୨ ଅଛନ୍ତି। ଜଗତ୍‌ସିଂହପୁର ୬୪, କୁଜଙ୍ଗ ୨୧୩, ବାଲିକୁଦା ୧୧୫, ଏରସମା ୪୨୩ ଓ ପାରାଦୀପରେ ୨୯୭। ସରକାର ଘୋଷଣା କଲେ ଅଥଚ ବିତାଡ଼ନ ବ୍ୟବସ୍ଥା କରିନାହାନ୍ତି, ଯଦ୍ୱାରା ସେମାନେ ନିଜର ବନ୍ଧୁ ପରିଜନ ଆଳରେ ତାଙ୍କ ସଂଖ୍ୟା ବୃଦ୍ଧି କରିବାରେ ଲାଗିଛନ୍ତି। ଜଙ୍ଗଲ ଜମି, ନଦୀ ପାଖ ଜାଗା, ଯୋର, ଅନାବାଦୀ, ଚିଙ୍ଗୁଡ଼ି ଘେରି, ସରକାରୀ ଜାଗା ଦଖଲ କରିଗଲେଣି। ଏ ପରିସ୍ଥିତିରେ ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ରୋକିବା ବଡ଼ ଆହ୍ୱାନ ପାଲଟିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅସିତ୍



@ ମୁନ୍‌ମୁନ୍



@ ରାଜେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନକଲି ଆଇସ୍‌କ୍ରିମ୍ କାରଖାନା ସିଲ୍



ଖାଦ୍ୟ ସୁରକ୍ଷା ବିଭାଗ ନିରୀକ୍ଷକ ଆଇସ୍‌କ୍ରିମ୍ କାରଖାନା ଉପରେ ଚଢ଼ାଉ କରୁଛନ୍ତି।

ପାରାଦୀପ, ୭।୮ (ଶରତ ରାଉତ)

ପାରାଦୀପ ଉଦୟବଟ ପାଖ ଭିତରଗଡ଼ ବସ୍ତିରେ ଚୋରାରେ ଚାଲିଥିବା ଏକ ନକଲି ଆଇସ୍‌କ୍ରିମ କାରଖାନା ଉପରେ ବୁଧବାର ସନ୍ଧ୍ୟାରେ ଚଢ଼ାଉ ସହ ସିଲ୍ କରାଯାଇଛି। ଜିଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନିରୀକ୍ଷକ ପ୍ରୀତିଶ ଦାସ ଚଢ଼ାଉ କରିଥିଲେ। ସେଠାରେ ଅମୁଲ

### ୫ ହଜାର ଜରିମାନା

ଆଇସ୍‌କ୍ରିମ ଭଳି ଦେଖିବାକୁ, କିନ୍ତୁ ନାମ ରହିଛି ଅମୋଲ। ଇଂରାଜୀରେ ଅମୋଲ ଭିଟା ଲେଖା ଯାଇଛି। କୌଣସି ଆଇସକ୍ରିମ୍‌ରେ ତିଆରି ତାରିଖ କିମ୍ବା ଅବଧି ଶେଷ ତାରିଖ ଦର୍ଶାଯାଇନାହିଁ। ସେଥିପାଇଁ ଉକ୍ତ ଆଇସ୍‌କ୍ରିମ ଖାଉଥିବା ଲୋକଙ୍କ ପାଇଁ ଖରାପ ବୋଲି ଦାସ କହିଛନ୍ତି। ଚଢ଼ାଉ ସମୟରେ ଆଇସ୍‌କ୍ରିମ ନିର୍ମାଣରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଏହାର ମାଲିକ ସୁଶାନ୍ତ କୁମାର ସାହୁଙ୍କୁ ତାଗିଦା ସହ ୫ ହଜାର ଟଙ୍କା ଜରିମାନା କରାଯାଇଛି। ୭ ଦିନ ଭିତରେ ଲାଇସେନ୍ସ କରିବା ସହ ସରକାରଙ୍କ ନିୟମ ଅନୁସାରେ ନ ଚଳାଇଲେ ସବୁ ଦିନ ପାଇଁ ବନ୍ଦ ରହିବ ବୋଲି କୁହାଯାଇଛି।

# ପାଣିକୋଇଲି କଲେଜରେ ଶ୍ରମ ବିଭାଗର ଚଢ଼ାଉ

ପାଣିକୋଇଲି, ୭।୮ (ବିକାଶ ମଲ୍ଲିକ):

ପାଣିକୋଇଲିସ୍ଥିତ ମା' ତାରିଣୀ (ଉଚ୍ଚ ମାଧ୍ୟମିକ ଓ ସ୍ନାତକ) ମହାବିଦ୍ୟାଳୟରେ ବୁଧବାର ଶ୍ରମ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। କଲେଜର ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗରେ କାର୍ଯ୍ୟରତ ଥିବା ୪୩ ଅଧ୍ୟାପିକାଅଧ୍ୟାପକଙ୍କ ସହିତ ସମସ୍ତ କର୍ମଚାରୀଙ୍କ(ଇପିଏଫ୍) ଜମାରେ ହୋଇଥିବା ଆର୍ଥିକ ଅନିୟମିତତାର ଖୋଳତାଡ଼ କରାଯାଇଛି। ୧୯୯୦ରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟଟି ୧୯୯୪ରେ ପଞ୍ଜୀକୃତ ହୋଇଥିଲା। ତେବେ କଲେଜ ଆରମ୍ଭ ହେବା ଦିନଠାରୁ ଇପିଏଫ୍ ଜମା କରାଯାଇ ନ ଥିବାରୁ ରାଜ୍ୟ ଶ୍ରମ ବିଭାଗର ନିର୍ଦ୍ଦେଶକ୍ରମେ ଜିଲା ଶ୍ରମ ବିଭାଗ ଏହି ଚଢ଼ାଉ କରିଛି। ଧର୍ମଶାଳା ଶ୍ରମ କାର୍ଯ୍ୟାଳୟର ଅତିରିକ୍ତ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ ବେହେରା ଓ ଦଶରଥପୁର ଶ୍ରମ ବିଭାଗ କାର୍ଯ୍ୟାଳୟର ଅତିରିକ୍ତ ଶ୍ରମଅଧିକାରୀ ରଚନା ସେଠୀ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି।



ଶ୍ରମବିଭାଗ ଅଧିକାରୀମାନେ କଲେଜର ରେକର୍ଡ ଯାଞ୍ଚ କରୁଛନ୍ତି।

# ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଚଣ୍ଡିଖୋଲ, ୭।୮ (ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଜିଲା ୫୩ନଂ. ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁର ଢ଼ାବା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ବୁଧବାର ପୋଲିସ ଜବତ କରିଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଧୁମାର ଡୁଙ୍ଗି ଥାନା ଅନ୍ତର୍ଗତ ଚିମ୍ପିଲିୟା ଅଞ୍ଚଳର ରାଣ୍ଡୋ ଯାଦବଙ୍କ ପୁଅ ସିଙ୍କୁ ଯାଦବ(୩୪)। ସେ ବାଲିଚନ୍ଦ୍ରପୁର ଥାନା ଅଧୀନ ପତରାଜପୁର ଗ୍ରାମର ମହମ୍ମଦ ହୁସେନଙ୍କ ପାଖରେ ରହି କାର୍ଯ୍ୟ କରୁଥିଲେ। ମଙ୍ଗଳବାର ରାତିରେ ସିଙ୍କୁ ଆଉ ମହମ୍ମଦଙ୍କ ଘରକୁ ଫେରି ନ ଥିଲେ। ବୁଧୁବାର ସକାଳୁ ସ୍ଥାନୀୟ ଲୋକେ ଏକ ମୃତଦେହ ପଡ଼ିଥିବା ଦେଖି ବାଲିଚନ୍ଦ୍ରପୁର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୁରୁବାର ମୃତକଙ୍କ ପରିବାରର ଲୋକେ ପହଞ୍ଚିଲେ ମରଶରୀର ହସ୍ତାନ୍ତର କରାଯିବ ବୋଲି ତଦନ୍ତ ଅଧିକାରୀ ସିବାଶିସ ଦାସ ସୂଚନା ଦେଇଛନ୍ତି। ତେବେ ଏହା ଆତ୍ମହତ୍ୟା ନା ହତ୍ୟା ତାହା ଜଣା ପଡିନାହିଁ। ସିଙ୍କୁଙ୍କ ମୃତ୍ୟୁ କିପରି ହେଲା ଏବଂ ମୃତଶରୀର କିପରି ଆସି ଜାତୀୟ ରାଜପଥ କଡ଼ ବିଲରେ ପଡ଼ିଲା ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଏହାକୁ ହତ୍ୟା ବୋଲି କହିବା ସହ ତାଙ୍କ ସହିତ ରହୁଥିବା ଅନ୍ୟ ଦୁଇ ଜଣ ଫେରାର ହେବା ନେଇ ଆଲୋଚନା ଜୋରଧରିଛି। ପୋଲିସ ଠିକରେ ତଦନ୍ତ କଲେ ପ୍ରକୃତ ରହସ୍ୟ ଜଣା ପଡ଼ିବ ବୋଲି ଆଲୋଚନା ହେଉଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୮/୨୪ ରୁଜୁ ହୋଇଛି।

# କିଡ୍‌ନୀ ରୋଗରେ ଶଯ୍ୟାଶାୟୀ ପୁଅ: ଚିକିତ୍ସାରେ ଅର୍ଥ ବାଧକ

### ସହାୟତା ପାଇଁ ପରିବାରର ଆକୁଳ ନିବେଦନ



ପଟ୍ଟାମୁଣ୍ଡାଇ, ୭।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ପଞ୍ଚାୟତ ଅଢ଼ାଖଣ୍ଡ ମଠସାହି ଗାଁରେ ନିରଞ୍ଜନ ସାହୁଙ୍କ ପୁଅ କୃତ୍ତିବାସ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଏବେ ଶଯ୍ୟାଶାୟୀ ହୋଇଛନ୍ତି। ଏବେ ପୁଅର ଚିକିତ୍ସା ଲାଗି ଅର୍ଥ ବାଧକ ସାଜିଛି।

ମଠସାହିର ନିରଞ୍ଜନ ମେଡିସିନ ଦୋକାନରେ କାମ କରି ହସଖୁସିରେ ନିଜର ପରିବାର ଚଳାଉଥିଲେ। ପୁଅ କୃତ୍ତିବାସ ଆଇଟିଆଇ ପାସ୍ କରିବା ପରେ ଏକ ଘରୋଇ ସଂସ୍ଥାରେ କାମ କରିବା ସହ ପରିବାରର ଦାୟିତ୍ୱ ତୁଲାଉଥିଲେ। କିଛି ମାସ ତଳେ ହଠାତ୍ କୃତ୍ତିବାସଙ୍କ ଆଣ୍ଠୁଗଣ୍ଠି ଦରଜ ହେବା ସହ ଗୋଡ଼ ଫୁଲିଲା। ବାପା କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ମାତ୍ର ରୋଗର ବିଶେଷ କିଛି ପରିବର୍ତ୍ତନ ନ ହୋଇ ଓଜନ ହ୍ରାସ ହେବାରେ ଲାଗିଲା। ପରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ୨ଟି ଯାକ କିଡ୍‌ନୀ ଖରାପ ହୋଇଯାଇଥିବା ଜଣାପଡ଼ିଥିଲା। ପରିବାର ଲୋକ ଏହା ଜାଣିବା ପରେ ପାଦ ତଳୁ ମାଟି ଖସି ଯାଇଥିଲା। କାରଣ କୃତ୍ତିବାସ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ କୌଣସି ଲକ୍ଷଣ ମଧ୍ୟ ଜଣାପଡୁ ନ ଥିଲା। କିଡ୍‌ନୀ ରୋଗ ଜଣାପଡ଼ିବା ପରେ ଏବେ ଚିକିତ୍ସା କରାଯାଉଛି। ସପ୍ତାହକୁ ୨ ଥର ଡାଏଲିସିସ୍ କରିବାକୁ ପଡୁଛି। ପୁଅର ଏଭଳି ପରିସ୍ଥିତି ଦେଖି ମା'ବାପା ଓ ପରିବାରଙ୍କ ଆଖିରୁ ଲୁହ ଶୁଖୁନାହିଁ। ମା'ବାପା ପୁଅକୁ ନେଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାରତ ଅଛନ୍ତି। ମାତ୍ର ଡାକ୍ତର କିଡ୍‌ନୀ ପ୍ରତ୍ୟାରୋପଣ ପାଇଁ କହିଛନ୍ତି। କିନ୍ତୁ ଦୀନଦୁଃଖୀ ପରିବାର ଚଳାଉଥିବା ବାପାଙ୍କ ପାଇଁ କିଡ୍‌ନୀ କିଣି ପ୍ରତ୍ୟାରୋପଣ କରିବାକୁ ସମ୍ବଳ ନାହିଁ। ଆଉ ନିଜ ପୁଅର ଏପରି ଦୁଃଖ ଦେଖି ମା' କିଡ୍‌ନୀ ଦେବା ପାଇଁ ଆଗେଇ ଆସିଥିଲେ ମଧ୍ୟ ଟଙ୍କା ଅଭାବରୁ ପ୍ରତ୍ୟାରୋପଣ କରାଯାଇ ପାରୁନାହିଁ। ସେଥିପାଇଁ ମା'ବାପା କୋହଭରା କଣ୍ଠରେ ପୁଅକୁ ସାହାଯ୍ୟ କରିବା ପାଇଁ ନିବେଦନ କରିଛନ୍ତି। ସାମାଜିକ କର୍ମୀ ଗିରିଜା ଶଙ୍କର ସାମଲ, ଅମୂଲ୍ୟ ପରିଡ଼ା, ବାବିନ ପରିଡ଼ା, ସଞ୍ଜୟ ପଣ୍ଡା କହିଛନ୍ତି, କୌଣସି ସହୃଦୟ ବ୍ୟକ୍ତି କିମ୍ବା ସରକାରୀ ସହାୟତା ମିଳିଲେ କୃତ୍ତିବାସଙ୍କ ଚିକିତ୍ସା ହେବା ସହ ତାଙ୍କ ସଂସାର ପୁଣି ହସି ଉଠନ୍ତା ବୋଲି ଆଶା ରଖିଛନ୍ତି।

# ଘେରିବନ୍ଧରେ ଘାଇ, ଚିନ୍ତାରେ ଚାଷୀ





ପାଣିଖିଆ ସାନ୍ତାଳୀପଡ଼ା ବନ୍ଧରେ ଘାଇ ସୃଷ୍ଟି ହେବା ଯୋଗୁ ଚାଷୀଜମି ଜଳମଗ୍ନ ହୋଇଛି।

ମହାକାଳପଡ଼ା, ୭।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

■ ଶତାଧିକ ଏକର ଜମିରେ ଲୁଣିପାଣି

■ ବିକାଶର ଆଢ଼ୁଆଳରେ ପାଣିଖିଆ ଗାଁ

ସମୁଦ୍ରର ଉଚ୍ଚ ଜୁଆରରେ ଲୁଣିପାଣି ମାଡ଼ି ଜଙ୍ଗଲ ନିକଟ ଘେରିବନ୍ଧରେ ଘାଇ ସୃଷ୍ଟି ହୋଇଛି। ନିକଟସ୍ଥ ଚାଷ ଜମିରେ ଲୁଣି ପାଣି ପ୍ରବେଶ କରି ତଳି ନଷ୍ଟ କରିଛି। ଏହାକୁ ନେଇ ସାନ୍ତାଳୀ ଚାଷୀମାନେ ଚାଷ ଆରମ୍ଭରୁ ଚିନ୍ତାରେ ପଡିଛନ୍ତି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ନାଞ୍ଜୁରା ପଞ୍ଚାୟତ ପାଣିଖିଆ ଗ୍ରାମ ନିକଟ ଘେରିବନ୍ଧରେ ଘାଇ ସୃଷ୍ଟି ହୋଇଛି। ଫଳରେ ବହୁ ଚାଷ ଜମିରେ ସମୁଦ୍ରର ଲୁଣି ପାଣି ମାଡ଼ି ଆସିଛି। ଏଥିଯୋଗୁ ଚଳିତ ଖରିଫ ଋତୁରେ ଶତାଧିକ ଏକର ଜମିରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ବୋଲି ଗ୍ରାମର ଗଜେନ୍ଦ୍ର ମାରାଣ୍ଡି, ସୁନା ଟୁଡୁ, ରମେଶ ମାରାଣ୍ଡି, ପୂର୍ଣ୍ଣ ଚନ୍ଦ୍ର ଟୁଡୁ, ନବ ମାରାଣ୍ଡି, ସୁନା ମାରାଣ୍ଡି, ଚରଣ ଟୁଡୁ, ଗୁରୁଭା ହାଁସଦା, ନୁଗୁର୍ ସୋରେନ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ଏହି ଗାଁରେ ୫୭ ପରିବାରର ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏମାନଙ୍କ ମୂଳ ବାସିନ୍ଦା ମୟୂରଭଞ୍ଜ ଜିଲାରେ ଅଛନ୍ତି। ପୂର୍ବଜମାନେ ଏହି ଜଙ୍ଗଲ ଜମିରେ ଖଟିମାଟି ଘର ନିର୍ମାଣ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଚାଷ ବ୍ୟତୀତ ଏହି ସାନ୍ତାଳୀମାନଙ୍କ ଅନ୍ୟ କୌଣସି ରୋଜଗାର ପନ୍ଥା ନ ଥିବାରୁ ସେମାନଙ୍କ ମଧ୍ୟରୁ ୭୦ରୁ ଊର୍ଦ୍ଧ୍ୱ ଦାଦନ ଖଟିବାକୁ ରାଜ୍ୟ ବାହାରେ ରହୁଛନ୍ତି। ଏହି ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ସାମୁଦ୍ରିକ ଝଡ଼ ସୃଷ୍ଟି ହେଲେ କେବଳ ଭଗବାନଙ୍କୁ ଭରସା କରି ଏହି ଗ୍ରାମର ଲୋକମାନେ ରହିଥାଆନ୍ତି। ଆଜି ପର୍ଯ୍ୟନ୍ତ ଏହି ଗାଁକୁ କୌଣସି ସରକାରୀ ପଦାଧିକାରୀ ଆସି ନ ଥିବା ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି। ଏଥିପାଇଁ ଏହି ଗାଁର ବିକାଶ ସପ୍ନ ହୋଇଯାଇଛି। ଏ ସଂକ୍ରାନ୍ତରେ ବିଡିଓ ସାଗର ରଞ୍ଜନ ନନ୍ଦଙ୍କୁ ପଚାରିବାରୁ ଉପରୋକ୍ତ ଗାଁର ସମସ୍ୟା ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବଢ଼ୁଛି ମହାନଦୀ ଜଳସ୍ତର





ମହାନଦୀରେ ବନ୍ୟାଜଳ।

ଗଣିଆ,୭।୮
(ସନ୍ତୋଷ କୁମାର ପ୍ରଧାନ)

ମହାନଦୀର ଉପରମୁଣ୍ଡରେ ଲଗାଣ ବର୍ଷା ଲାଗିରହିବା ଫଳରେ ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ହୀରାକୁଦ ଜଳଭଣ୍ଡାରରୁ ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେବା ସହ ମହାନଦୀର ଉପନଦୀଗୁଡିକରେ ବର୍ଷାଜଳ ଆସିବାରୁ ଧୀରେ ଧୀରେ ମହାନଦୀର ଜଳସ୍ତର ବୃଦ୍ଧି ପାଉଛି। ବୁଧବାର ସକାଳ ୯ଟା ସମୟରେ ବଡ଼ମୂଳଠାରେ ମହାନଦୀର ଜଳସ୍ତର ୨୭.୬ଫୁଟ ଓ ମଧ୍ୟାହ୍ନ ୧୨ଟା ସମୟରେ ୨୭.୭୦ଫୁଟ ରହିଥିଲା । ଅପରାହ୍ନ ୩ଟା ପରେ ଧୀରେ ଧୀରେ ଜଳସ୍ତର ବୃଦ୍ଧି ପାଇ ୫ଟା ସମୟରେ ୨୮.୯୦ଫୁଟରେ ପହଞ୍ଚିଥିବା ଗେଜ ରିଡରଙ୍କଠାରୁ ସୂଚନା ମିଳିଛି ।

ମହାନଦୀର ହୀରାକୁଦ ଜଳଭଣ୍ଡାରରୁ ଛଡାଯାଇଥିବା ବନ୍ୟାଜଳ ସାଙ୍ଗକୁ ଉପନଦୀର ବନ୍ୟାଜଳ ଧୀରେ ଧୀରେ ପହଞ୍ଚିବାରେ ଲାଗିଛି । ଯଦି ପୁନଶ୍ଚ ଲଗାଣ ବର୍ଷା ଲାଗି ରହେ ତେବେ ଗଣିଆ ବ୍ଲକର ଛାମୁଣ୍ଡିଆ, ରାସଙ୍ଗ, କିଶୋରପ୍ରସାଦ ଓ ବେଲପଡ଼ାପାଟଣା ପଞ୍ଚାୟତର କେତେକ ଗ୍ରାମ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଯାତାୟତ ବିଚ୍ଛିନ୍ନ ହେବାର ଆଶଙ୍କା କରାଯାଉଛି । ବୁଧବାର ଅପରାହ୍ନ ସୁଦ୍ଧା ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତର ଗହୀରି ବିଲରେ ବନ୍ୟାଜଳ ଧୀରେ ଧୀରେ ପ୍ରବେଶ କରୁଥିବା ଦେଖିବାକୁ ମିଳିଥିଲା।

## କୁଆଁରିଆ, କୁସୁମୀ ଓ ଆମ୍ବନାଳରେ ବନ୍ୟା

### ବ୍ୟାପକ ଅଞ୍ଚଳ ଜଳମଗ୍ନ

ଖଣ୍ଡପଡ଼ା,୭।୮ (ଅଜୟ କୁମାର ମହାରଣା)

ଗତ ୨ଦିନ ଧରି ଲଗାଣ ବର୍ଷା ପ୍ରଭାବରେ ମହାନଦୀର ଶାଖା ନଦୀ ଭାବେ ପରିଚିତ କୁସୁମୀ, କୁଆଁରିଆ, ଆମ୍ବନାଳ, ଲୁଣିଝରା, ଡ଼ାହୁକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଦୁଇକୂଳ ଖାଇ ନଦୀଗୁଡିକ ପ୍ରବାହିତ ହେଉଥିବା ବେଳେ ନଦୀର ଜଳସ୍ତର ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି । ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଚାଷଜମି ବନ୍ୟା ପାଣିରେ ବୁଡି ରହିଛି । ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ କୁସୁମୀ, କୁଆଁରିଆ ଓ ଆମ୍ବନାଳ ନଦୀରେ ବନ୍ୟା ପରିସ୍ଥିତି ଯୋଗୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇପଡିଛି । ସେହିପରି ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗୁଣ୍ଠୁଣି ପଞ୍ଚାୟତ ପାର୍ଶ୍ୱ ଦେଇ ପ୍ରବାହିତ ଲୁଣିଝରା, ଡ଼ାହୁକା ଓ କୁସୁମୀ ନଦୀର ବନ୍ୟା ପାଣି ଯୋଗୁ ଧାନ ଓ ପନି ପରିବା ଫସଲ ଉଜୁଡି ଯିବାର ଆଶଙ୍କା ପ୍ରକାଶ ପାଇଛି । ଶାଖାନଦୀଗୁଡିକର ଜଳସ୍ତର ବୃଦ୍ଧି ପାଇଥିବାରୁ ନଦୀତଟବର୍ତ୍ତୀ ଗ୍ରାମର ବାସିନ୍ଦାଙ୍କ ମନରେ ଛନକା ପଶିଛି। ନଦୀରେ ବନ୍ୟା ପାଣି ପ୍ରବେଶ ଯୋଗୁ ବିଭିନ୍ନ ଗାଁରେ ବିଷଧର ସରୀସୃପ ବିଚରଣ କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ।

ଏପରି ସ୍ଥଳେ ଲଗାଣ ବର୍ଷା ଲାଗି ରହିବା ସହ ହୀରାକୁଦ ଜଳଭଣ୍ଡାରରୁ ଅଧିକ ଗେଟ୍ ଦେଇ ଜଳ ନିଷ୍କାସନ ହେଲେ ସାମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଅନୁମାନ କରାଯାଉଛି। ଫଳରେ ମହାନଦୀ କୂଳିଆ ଅଞ୍ଚଳରେ ବ୍ୟାପକ ଧାନ ଓ ପନିପରିବା ଫସଲ ନଷ୍ଟ ହେବ ବୋଲି ଚାଷୀମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି।

## ଜମିରେ ପାଣିମଡ଼ାକୁ କେନ୍ଦ୍ରକରି ଗୁଳି ଫୁଟିଲା, ଜଣେ ଗୁରୁତର

ଓଡ଼ଗାଁ,୭।୮ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଆଦର୍ଶ ଥାନା ରାବେରା ଗ୍ରାମରେ ଜମିରେ ପାଣି ମଡେଇବାକୁ କେନ୍ଦ୍ରକରି ଦୁଇ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିବା ସହ ଗୁଳିମାଡ଼ରେ ଜଣେ ଗୁରୁତର ହୋଇଛନ୍ତି। ସୋମବାର ରାବେରା ଗ୍ରାମର ପଞ୍ଚାନନ ବେହେରା ଦିନ ୧୦ ଟାରେ ନିଜ ଜମିରେ ପାଣି ମଡ଼ାଉଥିବା ବେଳେ ପଡୋଶୀ ରମି ଭୂୟାଁ ପହଞ୍ଚି ତାଙ୍କସହ ପାଟିତୁଣ୍ଡ କରିଥିଲା। ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ପୁଅ ଗଇଁ ଭୂୟାଁଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ପଞ୍ଚାନନ ହିଡ ହାଣୁଥିବା ବେଳେ ଗଇଁ ଭୂୟାଁ ଏକ ବନ୍ଧୁକରେ ଗୁଳି ଚଳାଇଥିଲେ। ଗୁଳି ଯାଇ ପଞ୍ଚାନନଙ୍କ ମୁଣ୍ଡରେ ଆଂଶିକ ବାଜି ଉଡ଼ିଯାଇଥିଲା। ଫଳରେ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲେ । ପଞ୍ଚାନନ ଓଡ଼ଗାଁ ସାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବନ୍ଧୁକରୁ ଗୁଳି ବାଜିଛି କି ନାହିଁ ତାହା ତଦନ୍ତ ହେଲେ ଜଣାପଡ଼ିବ ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି। ଅନ୍ୟପକ୍ଷେ ଏହାକୁ ଗାଁରେ ରଫାଦଫା କରିବାକୁ ରାଜନୈତିକ ଉଦ୍ୟମ ଚାଲିଥିବା ପଞ୍ଚାନନ ଥାନାରେ ଅଭିଯୋଗ କରିବା ସହିତ ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହଙ୍କୁ ନିଜ ସମସ୍ୟା ଜଣାଇଛନ୍ତି। ପୋଲିସ ମାମଲା ରୁଜୁ କରିଥିଲେ ସୁଦ୍ଧା ବନ୍ଧୁକ ଜବତ ହୋଇ ନାହିଁ । ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି ।

## ପାହାଡ଼ରୁ ପଥର ସହ ମାଟି ଅତଡ଼ା ଖସିଲା



ନୟାଗଡ଼/ଦଶପଲ୍ଲା, ୭।୮
(ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)

ଦୁଇ ଦିନଧରି ଦଶପଲ୍ଲା ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି । ଏହାଦ୍ୱାରା ସ୍ୱାଭାବିକ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ଲଗାଣ ବର୍ଷା ଯୋଗୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ବ୍ଲକ ଟାକେରା ବାଣୀବିରି ଘାଟି ନିକଟସ୍ଥ ଜାତୀୟ ରାଜପଥ ଉପରେ ପାହାଡ଼ରୁ ପଥର ସହ ମାଟି ଅତଡା ଖସି ରାସ୍ତା ଉପରେ ପଡିଛି । ଅବଶ୍ୟ ଏହାଦ୍ୱାରା କୌଣସି ଅଘଟଣ ଘଟି ନାହିଁ।

## ନୀଳମାଧବଙ୍କୁ ଦର୍ଶନକଲେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ

ଖଣ୍ଡପଡ଼ା, ୭।୮ (ଅଜୟ କୁମାର ମହାରଣା)



ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ମଙ୍ଗଳବାର ଖଣ୍ଡପଡା ଗସ୍ତରେ ଆସି ରଥଗଡ଼ା ଛକରେ ଥିବା ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ଉପସ୍ଥିତ ଲୋକଙ୍କ ସହ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହାପରେ କଣ୍ଟିଲୋ ଯାଇ ଶ୍ରୀନୀଳମାଧବଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସହ ମନ୍ତ୍ରୀ ମଲିକ କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ପହଞ୍ଚିବା ପରେ କଣ୍ଟିଲୋ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ, ବରିଷ୍ଠ ନାଗରିକ, ବିକାଶପରିଷଦର ସଭାପତି ଯୁଗଳ କିଶୋର ନାୟକ, ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା ଏବଂ ଏମ୍‌ପିଙ୍କ ଖଣ୍ଡପଡା ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ ପ୍ରମୁଖ ମନ୍ତ୍ରୀ ମଲିକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ । ଏ ଅବସରରେ ନାଗରିକ ମଞ୍ଚର ସଭାପତି ମହାରଣା କଣ୍ଟିଲୋ କଂସା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଏକ କଂସା ବାସନ ସେଟ ମନ୍ତ୍ରୀ ମଲିକଙ୍କୁ ଉପହାର ପ୍ରଦାନ କରିଥିଲେ । କଣ୍ଟିଲୋରେ ଥିବା ଏକ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ କୌଣସି ପ୍ରାଣୀ ଚିକିତ୍ସାଧିକାରୀ ରହୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ ।

## ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ନୟାଗଡ଼,୭।୮ (ଲୋକନାଥ ମିଶ୍ର)

ସଦର ଥାନା ଅଧୀନ ନୟାଗଡ଼ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ରାସ୍ତାରେ ଗାଡ଼ି ଧକ୍କାରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ହେଲେ ବାଲୁଗାଁ ପଞ୍ଚାୟତର ରାମଚନ୍ଦ୍ର ଗୁରୁ (୬୦)। ରାମଚନ୍ଦ୍ର ମଙ୍ଗଳବାର ସନ୍ଧ୍ୟାରେ ରାସ୍ତାରେ ଯାଉଥିବା ସମୟରେ ବାଲୁଗାଁ ମଧ୍ୟବର୍ତ୍ତୀ ବାଙ୍କ ନିକଟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଗୁରୁତର ରାମଚନ୍ଦ୍ରଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦରଥାନା ପୋଲିସ ଏକ ମାମଲା(ନଂ.୧୮୩/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅସିତ୍



@ ମୁନ୍‌ମୁନ୍



@ ରାଜେନ୍ଦ୍ର



@ ଶୁଭମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀରଘୁନାଥଜୀଉଙ୍କ ହୁଣ୍ଡି ଖୋଲିଲା

ଓଡଗାଁ, ୭।୮ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ହୁଣ୍ଡି ବୁଧବାର ଖୋଲିଯାଇଛି । ତହସିଲଦାର ଡ. ମାନସ ରଞ୍ଜନ ଭୋଇଙ୍କ ସହିତ ମନ୍ଦିର, ପୋଲିସ ପ୍ରଶାସନ, ପୂଜକ ଓ ସୁଆର ପରିଷଦ ସଦସ୍ୟଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲି ଗଣତି କରାଯାଇଥିଲା। ଏଥିରୁ ୬ ଲକ୍ଷ ୭୪ ହଜାର ୯୪୨ ଟଙ୍କା, ୨.୫୦୦ ଗ୍ରାମ ସୁନା ଅଳଙ୍କାର, ୩୯ଗ୍ରାମ ରୁପା ଅଳଙ୍କାର ସହିତ ୨.୧୦୦ କେଜି ପିତଳ ସାମଗ୍ରୀ ମିଳିଛି। ମିଳିଥିବା ନଗଦ ଟଙ୍କା ଗତ ବର୍ଷ ହୁଣ୍ଡିରୁ ମିଳିଥିବା ନଗଦ ଅର୍ଥରୁ ଦୁଇଗୁଣା ବୋଲି ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର କହିଛନ୍ତି । ହୁଣ୍ଡିରୁ ପ୍ରାପ୍ତ ନଗଦ ଟଙ୍କା ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଜମା ଖାତାରେ ଜମା କରାଯିବ ବୋଲି ମନ୍ଦିର ସୁପଭାଇଜର ଜିତେନ୍ଦ୍ର ମିଶ୍ର କହିଛନ୍ତି ।

## ଅଭିଯୋଗ ଶୁଣାଣି,ସଚେତନତା




ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିବା ଅଭିଯୋଗକାରୀ।

ନୟାଗଡ଼,୭।୮ (ଲୋକନାଥ ମିଶ୍ର)

ନୟାଗଡ଼ ସହର ଯଯାଙ୍ଗୀସାହିରେ ବୁଧବାର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସାମାଜିକ ଯୋଜନା ସଂକ୍ରାନ୍ତରେ ସଚେତନତା ସହିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲା ଓ ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ଅନୁମୋଦନ କ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି ଅଞ୍ଜଳି ମଛଖଣ୍ଡ ସଚେତନତା କାର୍ଯ୍ୟକ୍ରମ କରିବା ସହ ଅଭିଯୋଗ ଶୁଣିଥିଲେ । ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଉପସ୍ଥିତ ଥିଲେ । ସେହିପରି ନୂଆଗାଁ ବ୍ଲକ ବଡ଼ଗୋଠ ପଞ୍ଚାୟତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସାମାଜିକ ଯୋଜନା ସଂକ୍ରାନ୍ତରେ ଆଲୋଚନା ହୋଇଛି। ସରପଞ୍ଚ ତିଳୋତମା ନାୟକଙ୍କ ସହାୟତାରେ ମହିଳାମାନଙ୍କ ମତାମତ ଶୁଣିଥିଲେ । ଶେଷରେ ଚଣ୍ଡିବସ୍ତ୍ର ପଞ୍ଚାୟତର ହାଟଦାରଠାରେ ସତ୍ୟବାଦୀ ନାୟକଙ୍କ ଉପସ୍ଥିତିରେ ଶ୍ରମିକ ସହାୟତା ଯୋଜନା ବୁଝାଇଥିଲେ । ଉପରୋକ୍ତ ୪ କାର୍ଯ୍ୟକ୍ରମରେ ବରିଷ୍ଠ ଅଧିବକ୍ତା ରମେଶ ଚନ୍ଦ୍ର ମହାରଣା, ପ୍ରାଧିକରଣ ସଦସ୍ୟ ମହମ୍ମଦ ଓମାର ମାଲିକ, ପ୍ରାଧିକରଣ କର୍ମଚାରୀ ଗଦାଧର ବିଶ୍ୱାଳ, ପବନ କୁମାର ବେହେରା ଏବଂ ରାଜେଶ କୁମାର ବାରିକ ସହାୟତା କରିଥିଲେ।

## ଛାତ୍ରୀଛାତ୍ର ସ୍କୁଲ ଫାଟକରେ ତାଲା ପକାଇଲେ

### ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବି

ଖଣ୍ଡପଡ଼ା,୭।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ, କ୍ରୀଡ଼ା ଶିକ୍ଷକଙ୍କ ସମେତ ଅନ୍ୟ ପଦବୀ ଖାଲି ପଡିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ପଞ୍ଚାୟତବାସୀ ଖଣ୍ଡପଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ ଓ ବ୍ଲକ ପ୍ରଶାସନର ବାରମ୍ବାର ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ବୁଧବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖ ଫାଟକରେ ପୂର୍ବାହ୍ନ ସାଢେ ୯ଟାରେ ତାଲା ଝୁଲାଇ ହରତାଳ କରିବା ସହ ଶିକ୍ଷକ ନିଯୁକ୍ତି ହେବା ପର୍ଯ୍ୟନ୍ତ ଶାନ୍ତି ପୂର୍ଣ୍ଣ ଭାବେ ଆନ୍ଦୋଳନ ଚାଲୁ ରହିବ ବୋଲି ଜିଦ୍ ଧରିଥିଲେ । ନୟାଗଡ଼ ଜିଲା ଶିକ୍ଷାଧିକାରୀ ଘଟଣାରେ ହସ୍ତକ୍ଷେପ କରିବା ସହ ନିକଟସ୍ଥ ରୟତ ଢୋଲମରା ଗ୍ରାମସ୍ଥିତ ବାପୁଜୀ ବିଦ୍ୟାପୀଠର ସଂସ୍କୃତ ଶିକ୍ଷୟିତ୍ରୀ ନମିତା ସାହୁଙ୍କୁ ପ୍ରତି ସପ୍ତାହର ୩ଦିନ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟରେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ବିଦ୍ୟାଳୟ ସମ୍ମୁଖରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆନ୍ଦୋଳନରୁ ଓହରି ଯାଇଥିଲେ ହେଁ ବିଦ୍ୟାଳୟରେ ଖାଲି ପଡିଥିବା ପଦବୀରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦିଆ ନ ଗଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି।



ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି।

